ସେ ଅବସର ଆ ଧ୍ୟାନ

ତାପସ ଦତ୍ତ

ପ୍ରକାଶକଙ୍କ କଥା

ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ୧୯୮୧ ମସିହା ମଇ ପହିଲାରେ ରାଉରକେଲା ଠାରେ ଏକ ବିରାଟ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏସ୍. ୟୁ. ସି. ଆଇ. ଓଡ଼ିଶା ରାଜ୍ୟ କମିଟିର ସମ୍ପାଦକ ତଥା ଓଡ଼ିଶାର ବିଶିଷ୍ଟ ଜନନେତା କମ୍ରେଡ୍ ତପସ ଦତ୍ତ ଏହି ସମାବେଶରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଦୃଷ୍ଟାନ୍ତ ଉଦ୍‌ବୋଧନ ଦେଇଥିଲେ । କମ୍ରେଡ୍ ଦତ୍ତଙ୍କର ଭାଷଣର ଉପାଦେୟତାକୁ ଉପଲବ୍ଧି କରି ପୁସ୍ତିକା ଆକାରରେ ପ୍ରକାଶ କରାଯାଉଛି ।

ଆଶା, ଓଡ଼ିଶାର ପାଠକବର୍ଗ ତଥା ଶ୍ରମଜୀବୀ ଜନସାଧାରଣ ମଇ ଦିବସର ତାତ୍ପର୍ଯ୍ୟ ଉପଲବ୍ଧି କରିବା କ୍ଷେତ୍ରରେ ପୁସ୍ତିକାଟି ସହାୟକ ହେବ ।

ମୁଗଦ ଖାଁ ପାଟଣା
କଟକ—୩

ଦ୍ୱାରକାନାଥ ରଥ
ପ୍ରକାଶକ

ମେ ଦିବସର
ଆହ୍ୱାନ

ଆପଣମାନେ ଜାଣନ୍ତି, ଶ୍ରମିକମାନଙ୍କ ପକ୍ଷରେ ଆଜି ହେଉଛି ଏକ ପବିତ୍ର ଦିବସ । ପବିତ୍ର ଦିବସ ଏଇଥିପାଇଁ ଏହି ଦିବସରେ ପ୍ରାୟ ଶହେ ବର୍ଷ ପୂର୍ବେ ଆମେରିକାର ଶ୍ରମିକମାନେ ବିଶ୍ୱର ଶ୍ରମିକଶ୍ରେଣୀ ପାଖରେ ଏକ ନୂତନ ସଂଗ୍ରାମର ଆହ୍ୱାନ ଦେଇଥିଲେ । ସେମାନଙ୍କର ଏହା ଥିଲା ରକ୍ତ ବିନିମୟରେ ସଂଗ୍ରାମର ଆହ୍ୱାନ । ସେଦିନ ଆମେରିକାର ହେ' ମାର୍କେଟରେ ଶ୍ରମିକମାନେ ୮ ଘଣ୍ଟା ଡ୍ୟୁଟି ଦାବୀରେ ଯେଉଁ ବିକ୍ଷୋଭ ପଟୁଆର ବାହାର କରିଥିଲେ, ତା ଉପରେ ଆସିଥିଲା ଆମେରିକା ସରକାରଙ୍କ ପୋଲିସ ବାହିନୀର ନୃଶଂସ ଆକ୍ରମଣ । ଫଳରେ ଘଟଣା ସ୍ଥଳରେ ଅଗଣିତ ଶ୍ରମିକଙ୍କର ମୃତ୍ୟୁ ହେଲା ଏବଂ ସେହି ସବୁ ଶ୍ରମିକଙ୍କର ରକ୍ତରେ ରଞ୍ଜିତ ଯେଉଁ ପୋଷାକକୁ ଝଣ୍ଡା ରୂପେ ନେଇ ପଟୁଆର ବାହାରିଥିଲା, ସେହି ପଟୁଆରର ଝଣ୍ଡା ହିଁ ହେଉଛି ଆଜିର ଲାଲଝଣ୍ଡା । ଫଳତଃ ଏହି ଦିବସଟି ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ହେ ମାର୍କେଟର ଏହି ଘଟଣା ପୂର୍ବରୁ ମଧ୍ୟ ବିଶ୍ୱର ବିଭିନ୍ନ ଦେଶର ଶ୍ରମିକଶ୍ରେଣୀ ତାଙ୍କର ନ୍ୟାଯ୍ୟ ଦାବୀରେ ଆନ୍ଦୋଳନ କରିଛନ୍ତି. କିନ୍ତୁ ହେ' ମାର୍କେଟର ଘଟଣା ଐତିହାସିକ ଘଟଣାରୂପେ ପରିଚିତ ହେଲା । କାରଣ ହେ' ମାର୍କେଟରେ ପ୍ରଥମେ ବିଶ୍ୱର ଶ୍ରମିକଶ୍ରେଣୀର ଐକ୍ୟ ଘୋଷିତ ହୋଇଛି ଏବଂ ଶ୍ରମିକଙ୍କର ରକ୍ତ ରଞ୍ଜିତ ଲାଲପତାକା ସୃଷ୍ଟି ହୋଇଛି ତଥା ଶ୍ରମିକଶ୍ରେଣୀ ବିଜୟର ସହ ଏକ ଗୁରୁତ୍ୱପୂର୍ଣ୍ଣ ଦାବୀ ହାସଲ କରିଛି ।

ତାପରେ ଶ୍ରମିକ ଶ୍ରେଣୀର ଶ୍ରେଷ୍ଠ ଚିନ୍ତାନାୟକ ମହାନ ନେତା କାର୍ଲମାର୍କସ୍ ଏହି ଦିବସଟିକୁ ଶ୍ରମିକ ଦିବସ ରୂପେ ଘୋଷଣା କଲେ । ଇତି ମଧ୍ୟରେ ଶହେ ବର୍ଷ ଅତିବାହିତ ହେବାକୁ ଯାଉଛି । ବିଶ୍ୱର ବିଭିନ୍ନ ଦେଶର ଶ୍ରମିକମାନେ ଏହି ଦିବସରେ ସଂଗ୍ରାମର ଶପଥ ଗ୍ରହଣ କରି ଆସୁଛନ୍ତି ଏବଂ ଦୁନିଆର ଶ୍ରମିକମାନଙ୍କ ସହ ସେମାନଙ୍କର ଏକତା, ସଂହତି ଘୋଷଣା କରୁଛନ୍ତି । ସେଥିପାଇଁ ଏହି ମେ' ଦିବସ ଦୁନିଆର ଶ୍ରମଜୀବୀ ଜନସାଧାରଣଙ୍କ ପାଖରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ ।

ଏହି ଯେଉଁ ଶ୍ରମିକମାନେ ମେ' ଦିବସରେ ୮ ଘଣ୍ଟା ଡ୍ୟୁଟି ଦାବୀ ନେଇ ସଂଗ୍ରାମ କରିଥିଲେ, ଆଜି ସେହି ସଂଗ୍ରାମ କେବଳ ଅର୍ଥନୈତିକ ଦାବୀ ଉପରେ ସୀମିତ ହୋଇ ରହିନାହିଁ । ପରବର୍ତ୍ତୀ ଯୁଗରେ ଏହି ଆନ୍ଦୋଳନ ରାଜନୈତିକ ଆନ୍ଦୋ-

ଲନରେ ରୂପାନ୍ତରିତ ହୋଇଛି । ଏବଂ ବିଶ୍ୱରେ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯେ, ବିଶ୍ୱର ଶ୍ରମିକ ଶ୍ରେଣୀ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଧ୍ୱଂସ କରି ଶ୍ରମିକ-ଶ୍ରେଣୀର ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠା କରିବାର ସଂକଳ୍ପ ଗ୍ରହଣ କରିଛି । ୧୯୧୭ ମସିହାରେ ରୁଷ ଦେଶର ଶ୍ରମିକଶ୍ରେଣୀ, ପ୍ରଥମେ ଜାରତନ୍ତ୍ରକୁ ଉଚ୍ଛେଦ କରିଥିଲେ ଓ ସେହିବର୍ଷ ଅକ୍ଟୋବର-ନଭେମ୍ବର ମାସରେ ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ରକୁ ଉଚ୍ଛେଦ କରି ଶ୍ରମିକ-ଶ୍ରେଣୀର ରାଷ୍ଟ୍ରଯନ୍ତ୍ର ତଥା ସମାଜତନ୍ତ୍ର ପ୍ରତିଷ୍ଠା କରିଥିଲେ । ଏହିଭଳି ଭାବେ ବିଶ୍ୱର ବିଭିନ୍ନ ଦେଶରେ ଶ୍ରମିକଶ୍ରେଣୀ ବିପ୍ଳବ ପଥରେ ଆଗେଇ ଯାଉଛନ୍ତି । ପରବର୍ତ୍ତୀ ଯୁଗରେ ଚୀନ ବିପ୍ଳବ, ଭିଏତନାମ୍ ମୁକ୍ତି ସଂଗ୍ରାମ, ଇଉରୋପରେ ବିଭିନ୍ନ ଦେଶର ଶ୍ରମିକ ଶ୍ରେଣୀର ରାଷ୍ଟ୍ର କ୍ଷମତା ଦଖଲ—ଏ ଗୁଡ଼ିକ ହେଉଛି ଶ୍ରମିକଶ୍ରେଣୀର ବିପ୍ଳବର ଜୟଯାତ୍ରା । ସୁତରାଂ ଐତିହାସିକ ମେ' ଦିବସରେ ଶ୍ରମିକମାନେ ଯେଉଁ ସଂକଳ୍ପ ଗ୍ରହଣ କରିଥିଲେ ସେହି ସଂକଳ୍ପ ଆଜି ଶ୍ରମିକଶ୍ରେଣୀର ମୁକ୍ତି ସଂକଳ୍ପରେ ରୂପାନ୍ତରିତ ହୋଇଛି । ବିଶ୍ୱର ଶ୍ରମିକଶ୍ରେଣୀ ସମଗ୍ର ଦୁନିଆରୁ ଯାବତୀୟ ଶୋଷଣ ଅତ୍ୟାଚାରକୁ ଖତମକରି ଏକ ନୂତନ ଧରଣର ସମାଜ ବ୍ୟବସ୍ଥା, ଯେଉଁଠିକି କୌଣସି ପ୍ରକାରର ଅତ୍ୟାଚାର ରହିବ ନାହିଁ, ଶୋଷଣ ରହିବ ନାହିଁ—ଏଭଳି ଏକ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ଆଗେଇ ଚାଲିଛି ।

ବନ୍ଧୁଗଣ ! ଆପଣ, ଯେଉଁମାନେ ଏଠାକୁ ଆସିଛନ୍ତି, ମୁଁ ଜାଣେ ଏହା ଭିତରେ ଅଧିକାଂଶହିଁ ହେଉଛନ୍ତି ଖଟିଖିଆ—ଶ୍ରମିକ । ତେଣୁ ଆପଣମାନଙ୍କର ଏ ବିଷୟରେ ବହୁକଥା ବୁଝିବାର ରହିଛି । ଏସବୁ କଥା ଆପଣମାନଙ୍କର ଜୀବନ ଜୀବିକାର କଥା । ଯଦି ଆଜିକାର ଦିନରେ ଆପଣମାନେ ସେହିକଥା ଗୁଡ଼ିକ ନ ବୁଝିବେ ଏବଂ ଆଗାମୀଦିନର ସଂଗ୍ରାମର ସଂକଳ୍ପ ଗ୍ରହଣ ନ କରିବେ, ତାହେଲେ ବର୍ତ୍ତମାନ ଯୁଗର ପ୍ରକୃତ ତାତ୍ପର୍ଯ୍ୟ ଆପଣମାନେ ବୁଝିପାରିବେ ନାହିଁ ।

ବନ୍ଧୁଗଣ ! ଦୁନିଆ ବ୍ୟାପୀ ଆଜି ଶ୍ରମିକ ଶ୍ରେଣୀ ଯେଉଁ ଆନ୍ଦୋଳନ କରୁଛି, ତାର ଦୁଇଟି ଦିଗ ରହିଛି । ଗୋଟିଏ ହେଉଛି, ଶ୍ରମିକମାନଙ୍କର ଅର୍ଥନୈତିକ ଦାବୀ, ମଜୁରୀ ବୃଦ୍ଧି, ବୋନସ-କ୍ୱାଟର ଏହି ସବୁ ବିଭିନ୍ନ ପ୍ରକାର ଦାବୀ ଭିତ୍ତିରେ ଆନ୍ଦୋଳନ. ଅନ୍ୟଟି ହେଉଛି, ଏହି ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ରକୁ ଧ୍ୱଂସ କରି ଶ୍ରମିକ ଶ୍ରେଣୀର ରାଷ୍ଟ୍ରଯନ୍ତ୍ର ପ୍ରତିଷ୍ଠା କରିବା ପାଇଁ ସଂଗ୍ରାମ । ଏହି ଦୁଇ ଧରଣର ସଂଗ୍ରାମ ଚାଲିଛି । ଏହି ଦୁଇଧାରା ଭିତରେ ରହିଛି ଏକ ଐକ୍ୟତାନ ।

ଯଦି ଶ୍ରମିକ ଶ୍ରେଣୀର ପ୍ରକୃତ ବିପ୍ଳବୀଦଳର ନେତୃତ୍ୱରେ ଅର୍ଥନୈତିକ ଦାବୀ ଭିତ୍ତିରେ ଆନ୍ଦୋଳନ ପରିଚାଳିତ ହୁଏ, ତେବେ ଏହି ଆନ୍ଦୋଳନକୁ ଏପରି ଦୃଷ୍ଟିଭଙ୍ଗୀରେ ଏବଂ ଏପରି କୌଶଳରେ ପରିଚାଳିତ କରିବାକୁ ହେବ, ଯାହା

ଫଳରେ ଏହି ଆଂଦୋଳନରେ ଅଂଶ ଗ୍ରହଣ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ଶ୍ରମିକ ଶ୍ରେଣୀର ରାଜନୈତିକ ଚେତନାର ଉନ୍ମେଷ ଘଟିପାରିବ । ଫଳରେ ଏହି ଅର୍ଥନୈତିକ ଆନ୍ଦୋଳନ ମୂଳ ବିପ୍ଳବୀ ଆଂଦୋଳନର ପରିପୂରକ ହିସାବରେ ଗଢ଼ି ଉଠିବ । ପୂର୍ବେ ଯେତେବେଳେ ଶ୍ରମିକଶ୍ରେଣୀର ଆଂଦୋଳନରେ କାର୍ଲମାର୍କସ୍‌ଙ୍କର ଆବିର୍ଭାବ ହୋଇନାହିଁ, ଯେତେବେଳେ ଶ୍ରମିକଶ୍ରେଣୀର ଦର୍ଶନ ଓ ଆଦର୍ଶର ସୃଷ୍ଟି ହୋଇନାହିଁ, ସେତେବେଳେ ଯେଉଁ ସଂଗ୍ରାମ ହେଉଥିଲା, ସେସବୁ ଥିଲା, ମୂଳତଃ ଅର୍ଥନୈତିକ ଆଂଦୋଳନ । କିନ୍ତୁ ତା ସତ୍ତ୍ୱେ, ତାହା ଥିଲା ଶ୍ରମିକମାନଙ୍କର ଆଦ୍ୟ ଚେତନାର ଉନ୍ମେଷ ଏବଂ ତା ମଧ୍ୟ ଏକ ଶ୍ରେଣୀ ଚେତନା । ସେହି ଚେତନା ହେଉଛି ଶ୍ରମିକମାନଙ୍କର ଦୈନନ୍ଦିନ ଜୀବନରେ ଯେଉଁ ଅତ୍ୟାଚାର ହେଉଛି, ଜୁଲୁମ ହେଉଛି, ସେଥିରୁ ମୁକ୍ତି ପାଇବାର ପ୍ରାଥମିକ ଚେତନା ଓ ସଂଗ୍ରାମ । ପୁଞ୍ଜିବାଦ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଦୁନିଆଁର ଇତିହାସରେ ଏକ ନୂତନ ଶ୍ରେଣୀ ଜନ୍ମ ନେଇଛି । ତାହା ହେଉଛି ଶ୍ରମିକ ଶ୍ରେଣୀ । ପୁଞ୍ଜିବାଦ ଆବିର୍ଭାବ ହେବା ପୂର୍ବରୁ ଏହି ଶ୍ରମିକଶ୍ରେଣୀର ଆବିର୍ଭାବ ଘଟିନାହିଁ । ଜାରତନ୍ତ୍ର ତଥା ସାମନ୍ତତାନ୍ତ୍ରିକ ବ୍ୟବସ୍ଥାରେ ଖଟିଖିଆ ଶ୍ରେଣୀର ଲୋକଥିଲେ ଏବଂ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ମଧ୍ୟ ହେଉଥିଲା । କିନ୍ତୁ ଆଜି ଯେଉଁ ଶ୍ରମିକ ଶ୍ରେଣୀକୁ ଆପଣମାନେ ଦେଖୁଛନ୍ତି ବା ଆପଣମାନେ ଯେଉଁ ଶ୍ରମିକଶ୍ରେଣୀର ଅଂଶ, ସେତେବେଳେ ସେହି ଶ୍ରମିକଶ୍ରେଣୀର ଜନ୍ମ ହୋଇ ନ ଥିଲା । ଆଜିର ଏହି ଶ୍ରମିକ ଶ୍ରେଣୀକୁ କୁହାଯାଏ — ସର୍ବହରା ଶ୍ରେଣୀ । କାରଣ ଏମାନଙ୍କର ବଞ୍ଚିବାର ଏକମାତ୍ର ଉପାୟ ନିଜର ଶ୍ରମଶକ୍ତିକୁ ବିକ୍ରୟ କରିବା । ଏମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି ବୋଲି କିଛି ନାହିଁ । ତେଣୁ କାର୍ଲମାର୍କସ୍ କହିଥିଲେ—ସର୍ବହରା ଶ୍ରେଣୀ ବା ଶ୍ରମିକଶ୍ରେଣୀର ଦାସତ୍ୱର ଶୃଙ୍ଖଳଛଡ଼ା ଆଉ କିଛି ହରାଇବାର ନାହିଁ । ପୁଞ୍ଜିବାଦୀ ବ୍ୟବସ୍ଥା ସୃଷ୍ଟି ହେବା ସାଙ୍ଗେ, ସାଙ୍ଗେ ଗୋଟିଏ ଦିଗରେ ସୃଷ୍ଟି ହୋଇଛି ପୁଞ୍ଜିପତି ଶ୍ରେଣୀ, ଆଉ ଅପର ଦିଗରେ ତାକୁ ଧ୍ୱଂସ କରିବା ପାଇଁ ଜନ୍ମ ନେଇଛି, ଆଧୁନିକ ଯନ୍ତ୍ର ଶିଳ୍ପକୁ ଭିତ୍ତି କରି ସଂଗଠିତ ଶ୍ରମିକଶ୍ରେଣୀ । ଏହି ଯେଉଁ ଦୁଇଟି ପରସ୍ପର ବିରୋଧୀ ଶ୍ରେଣୀ, ଦୁଇଟି ପରସ୍ପର ବିରୋଧୀ ସଂଗ୍ରାମରତ ଶ୍ରେଣୀ—ଏହି ଦ୍ୱୟର ସମନ୍ୱୟରେ ଚାଲିଛି ପୁଞ୍ଜିବାଦୀ ବ୍ୟବସ୍ଥା । ଦୁହେଁ ପରସ୍ପର ବିରୋଧୀ ଶ୍ରେଣୀ—ଦୁଇଟାର ସ୍ୱାର୍ଥ ବିପରୀତ । ପୁଞ୍ଜିପତି ଶ୍ରେଣୀ ଶ୍ରମିକଙ୍କୁ ଶୋଷଣ କରି ଲାଭର ପାହାଡ଼ ସୃଷ୍ଟି କରେ, ଆଉ ଶ୍ରମିକ ସେହି ଶୋଷଣରୁ ମୁକ୍ତ ହେବାକୁ ଚାହେଁ । ଏହି ଯେ ଦୁଇଟି ପରସ୍ପର ବିରୋଧୀ ସ୍ୱାର୍ଥର ଦ୍ୱନ୍ଦ୍ୱ, ତାହା ଏହି ପୁଞ୍ଜିବାଦୀ ବ୍ୟବସ୍ଥା ସୃଷ୍ଟି ହେବା ପରଠୁଁ ଚାଲି ଆସୁଛି ।

ତେଣୁ କାର୍ଲମାର୍କସ୍ କହିଥିଲେ, ପ୍ରଥମଥର ଇତିହାସରେ ଏକ ନୂତନ [illegible] ଏବଂ ନୂତନ ଐତିହାସିକ ଭୂମିକା ନେଇ ଏହି ଶ୍ରମିକଶ୍ରେଣୀ ଜନ୍ମ ନେଇଛି ।

ଶ୍ରମିକ ଶ୍ରେଣୀର ସୃଷ୍ଟି ହୋଇଛି ସମଗ୍ର ଦୁନିଆରୁ ସମସ୍ତ ପ୍ରକାର ଶୋଷଣ, ସମସ୍ତ ପ୍ରକାର ଅତ୍ୟାଚାର, ସମସ୍ତ ପ୍ରକାର ଜୁଲମକୁ ଖତମ କରିବା ପାଇଁ । ଶ୍ରମିକ ଶ୍ରେଣୀ ବିଶ୍ୱର ସମସ୍ତ ଶୋଷିତ, ସମସ୍ତ ନିର୍ଯ୍ୟାତିତ ଜନଗଣଙ୍କୁ ନେତୃତ୍ୱ ଦେବ ! ଶ୍ରମିକ ଶ୍ରେଣୀର ନେତୃତ୍ୱରେ ଜନଗଣଙ୍କ ପ୍ରକୃତ ମୁକ୍ତି ଆସିବ । ଏହାହିଁ ହେଉଛି କାର୍ଲମାର୍କସ୍‌ଙ୍କ ବକ୍ତବ୍ୟ, ଅଭୂତପୂର୍ବ ଶିକ୍ଷା । ଏହି ସତ୍ୟ କାର୍ଲମାର୍କସ୍‌ଙ୍କ ପୂର୍ବରୁ କେହି ଉଦ୍ଭାବନ କରି ପାରି ନାହାନ୍ତି । କାର୍ଲମାର୍କସ୍‌ଙ୍କ ପୂର୍ବରୁ ମଧ୍ୟ ଶ୍ରେଣୀ ସଂଗ୍ରାମ ଥିଲା । ଶ୍ରମିକମାନେ ସେମାନଙ୍କର ଅର୍ଥନୈତିକ ଦାବୀ ନେଇ, ମଜୁରୀ ବୃଦ୍ଧି ଦାବୀ, କାମ କରିବା ସମୟକୁ କମ କରିବାର ଦାବୀ ନେଇ ଆଂଦୋଳନ କରୁଥିଲେ । ଯାହାକୁ ମୁଁ ପୂର୍ବରୁ ଆଲୋଚନା କରି କହିଛି ଯେ, ତାହାଥିଲା ଶ୍ରମିକମାନଙ୍କର ଆଦ୍ୟ ଚେତନାର ଉନ୍ମେଷ । ଶ୍ରମିକଶ୍ରେଣୀ କ୍ରମଶଃ ବୁଝିପାରିଲେ, କାରଖାନା ଯଦି ଚାଲେ, ଆମର ପରିଶ୍ରମ ଦ୍ୱାରା ହିଁ ଚାଲେ । ଯଦି ଆମେ ଐକ୍ୟବଦ୍ଧ ହୋଇ ଟ୍ରେଡ଼ ୟୁନିୟନ ସଙ୍ଗଠନ ଗଢ଼ି ତୋଳୁ ଏବଂ ପ୍ରୟୋଜନ ହେଲେ କାମବଂଦ ବା ଧର୍ମଘଟ କରୁ, ତାହାହେଲେ ଆମେ ମାଲିକ ଉପରେ ଚାପ ସୃଷ୍ଟି କରି ଆମର ଦାବୀ ଆଦାୟ କରି ପାରିବା । ଏହି ଭାବରେ ହିଁ ପ୍ରଥମେ ଟ୍ରେଡ଼ ୟୁନିୟନ ଆଂଦୋଳନର ସୃଷ୍ଟି ହୋଇଛି । ଆପଣମାନେ ଯେଉଁ ଟ୍ରେଡ଼ ୟୁନିୟନ ଗଢ଼ିଛନ୍ତି ତାହା ହେଉଛି ସେହି ଟ୍ରେଡ଼ୟୁନିୟନ ସଙ୍ଗଠନର ପରିଣତି ।

କିନ୍ତୁ କାର୍ଲମାର୍କସ୍ ଗୋଟିଏ କଥା ଲକ୍ଷ୍ୟ କଲେ ଯେ, ଶ୍ରମିକମାନେ ସେମାନଙ୍କର ଟ୍ରେଡ଼ ୟୁନିୟନ ଆଂଦୋଳନ ଗଢ଼ି ତୋଳି ମଜୁରୀବୃଦ୍ଧି ପ୍ରଭୃତି ଦାବୀ ନେଇ ସଂଗ୍ରାମ କରିବା ନ୍ୟାୟ ସଙ୍ଗତ—ଏକଥା ଠିକ୍ । ସେ ନିଜେ ମଧ୍ୟ ଶ୍ରମିକମାନଙ୍କର ଏ ଧରଣର ଆଂଦୋଳନକୁ ବାସ୍ତବ କ୍ଷେତ୍ରରେ ନେତୃତ୍ୱ ଦେଇଛନ୍ତି । କିନ୍ତୁ ଗୋଟିଏ କଥା ଇତିହାସକୁ ଅନୁଧାବନ କରି, ସମାଜ ବିଜ୍ଞାନକୁ ଅନୁଧାବନ କରି ସମାଜ ବିଜ୍ଞାନର ଆଧାର ଉପରେ ସେ ଉଦ୍ଭାବନ କଲେ ଯେ, ଶ୍ରମିକମାନେ କେବଳ ଯଦି ସେମାନଙ୍କର ଅର୍ଥନୈତିକ ଦାବୀ ଉପରେ ଆଂଦୋଳନ ସୀମିତ କରିବେ, ତେବେ ସେମାନଙ୍କର ମୁକ୍ତି ସମ୍ଭବ ନୁହେଁ । ମଜୁରୀ ବୃଦ୍ଧି ପାଇଁ ଶ୍ରମିକ ହଜାରେ ବର୍ଷ ଧରି ଆଂଦୋଳନ କରିପାରେ, କିନ୍ତୁ ଶ୍ରମିକ ଶ୍ରମିକ ହୋଇ ରହିଯିବ, ମଜୁରୀ ଦାସ ହୋଇ ରହିଯିବ । କେବଳମାତ୍ର ଅର୍ଥନୈତିକ ଦାବୀ ନେଇ ପଇସା ବଢ଼େଇବାର ଦାବୀ ନେଇ ଯଦି ଆଂଦୋଳନ ଚାଲେ ତେବେ ଗୋଲାମୀରୁମୁକ୍ତ ହେବା ସମ୍ଭବ ନୁହେଁ । କାରଣ ପୁଞ୍ଜିପତି ଶ୍ରେଣୀ ରହିବ— ଶୋଷଣ ବି ରହିବ । ଆପଣମାନେ ଟିକିଏ ଚିନ୍ତାକଲେ ବୁଝିପାରିବେ । ହୁଏତ ଆପଣମାନଙ୍କର ପଇସା ବଢ଼ିପାରେ, କ୍ୱାର୍ଟର ମିଳିପାରେ, ମେଡ଼ିକାଲ ସୁବିଧା ମିଳିପାରେ, କିନ୍ତୁ ମନେ ରଖିବେ ଆପଣମାନେ ଯେଉଁ ଗୋଲାମ ଥିଲେ ସେହି

ଗୋଲାମ ହିଁ ରହିଯିବେ । ଯେଉଁ ଶିକୁଳିଟି ଲୁହାର ଥିଲା ତା ବଦଳରେ ହୁଏତ ଗୋଟିଏ ସୁନାର ଶିକୁଳି ମିଳିପାରେ, କିନ୍ତୁ ଶିକୁଳିଟି ଶିକୁଳି ହିଁ ରହିବ—ଜଞ୍ଜିରଟି ଜଞ୍ଜିର ହିଁ ରହିବ । ସେଇଟି ଲୁହାର ହେଉ ବା ସୁନାର ହେଉ ।

ତେଣୁ କାର୍ଲମାର୍କସ୍ ଦର୍ଶାଇଲେ, ଶ୍ରମିକଶ୍ରେଣୀର ମୁକ୍ତିପାଇଁ ପ୍ରୟୋଜନ ବିପ୍ଳବ । ଶ୍ରମିକଶ୍ରେଣୀ ଯଦି ମୁକ୍ତି ଚାହେଁ, ତାହାହେଲେ ବିପ୍ଳବ ପାଇଁ ସଙ୍ଗଠିତ ହେବାକୁ ପଡ଼ିବ । ଆପଣ ଦେଖନ୍ତୁ, ଆପଣମାନଙ୍କର ମଜୁରୀ, ବୃଦ୍ଧି କରୁଛି କିଏ ? ପୁଞ୍ଜିପତି ଶ୍ରେଣୀ । ବହୁ ଲଢ଼େଇ, ବହୁ ଆତ୍ମତ୍ୟାଗ କରିବା ଫଳରେ ଆପଣମାନଙ୍କର ମଜୁରୀ ବୃଦ୍ଧି ହୁଏ । କିନ୍ତୁ ବଜାରରେ ଦରଦାମ କ'ଣ ଆପଣମାନେ ନିୟନ୍ତ୍ରଣ କରନ୍ତି ? ନା, ପୁଞ୍ଜିବାଦୀ ବ୍ୟବସ୍ଥାରେ ବଜାର ତାଙ୍କ ହାତରେ, ତାଙ୍କ ନିୟନ୍ତ୍ରଣରେ । ଏକାଧାରରେ ସେମାନେ ବଜାରକୁ ନିୟନ୍ତ୍ରଣ କରନ୍ତି, ଉତ୍ପାଦନ ସଂସ୍ଥାକୁ ନିୟନ୍ତ୍ରଣ କରନ୍ତି । କଳ କାରଖାନା, ଖଣିଖାଦାନ, ଦେଶର ସମସ୍ତ ସମ୍ପତ୍ତି ସେମାନେ ନିୟନ୍ତ୍ରଣ କରନ୍ତି । ବ୍ୟାଙ୍କ ତାଙ୍କ ହାତରେ, ରେଳୱେ ତାଙ୍କ ହାତରେ, ରାଷ୍ଟ୍ର ତାଙ୍କ ହାତରେ, ସରକାର ମଧ୍ୟ ତାଙ୍କ ହାତରେ । ଫଳରେ ଆପଣମାନେ ଦେଖିଲେ ତ ଯେଉଁ କଳା ଟଙ୍କାର ହିସାବ ରିଜର୍ଭ ବ୍ୟାଙ୍କ୍ ପାଖରେ ନାହିଁ, ସେଇ କଳା ଟଙ୍କାକୁ ଧଳା ଟଙ୍କାରେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କି ପ୍ରକାର ପ୍ରଚେଷ୍ଟା ଚାଲିଛି । ସୁତରାଂ ଯେତେ ପ୍ରକାର ଆଇନ ତିଆରି ହୁଏ ତାହା ପୁଞ୍ଜିବାଦୀ ବ୍ୟବସ୍ଥାର ପ୍ରୟୋଜନରେ, ଶୋଷଣର ପ୍ରୟୋଜନରେ, ପୁଞ୍ଜିବାଦୀମାନଙ୍କର ଲାଭ ପାଇଁ । ଫଳତଃ ଆପଣ ଲଢ଼ିବେ, ଆପଣମାନଙ୍କର ପୁଅଝିଅ ଗୁଳି ଖାଇ ଶହୀଦ ହେବେ, ସାମୟିକ କିଞ୍ଚିତ୍ ଦାବୀଆଦାୟ ହେବ, କିନ୍ତୁ ତାପରେ ମଜୁରୀ ବୃଦ୍ଧି ହେବ, ୪।୬ ମାସ ପରେ ଦେଖିବେ, ବଜାରର ପ୍ରତିଟି ଜିନିଷର ଦାମ ବଢ଼ିଯାଇଛି । ଦରଦାମ ବଢ଼ିଲା ପରେ ଦେଖିବେ ଆପଣମାନେ ଯେଉଁଠି ଥିଲେ ସେଠି ରହି ଯାଇଛନ୍ତି, କିମ୍ବା ତଳକୁ ଖସୁଛନ୍ତି ।

ବଙ୍ଗଳାରେ ଗୋଟିଏ ଢଗ ଅଛି ।

"କଲୁର ଚୋଖ ଢାକାବଲଦେର ମତୋ
ମା ଆମାୟେ ଘୁରାବି କତ ।"

କଲୁରମାନେ ହେଉଛି ଘଣା । ଘଣାରେ ଯେଉଁ ବଳଦଟି ବନ୍ଧା ହୋଇଥାଏ, ତାର ଆଖି ଦୁଇଟିକୁ ବାନ୍ଧି ଦିଆଯାଇଥାଏ । ଆଖି ବନ୍ଧା ଅବସ୍ଥାରେ ଦିନସାରା କେଁକଟର୍ ଶବ୍ଦ କରି ବଳଦ ଘଣା ଚାରିପାଖେ ଘୂରେ । ସନ୍ଧ୍ୟାରେ ଆଖି ଖୋଲା ହେବା ପରେ ଦେଖେ ଯେ ସେ ଯେଉଁଠି ଥିଲା ସେଇଠି ରହି ଯାଇଛି । ସେମିତି

ଆପଣମାନେ ଗୋଟିଏ ହାତରେ ମଜୁରି ବୃଦ୍ଧି କରିବେ ଏବଂ ଆଉ ଗୋଟିଏ ହାତରେ ଚଢ଼ାଦାମ ଦେବେ । ସୁତରାଂ ଆମଦେଶରେ ଗ୍ରନ୍ଥିସଂଘ ଗୋଟିଏ କଳ ଯାହାକୁ କୁହାଯାଏ ଶୋଷଣ ସଂଘ । ଅର୍ଥାତ୍ ପୁଞ୍ଜିବାଦୀ ଶୋଷଣ ସଂଘ । ଯେତେ-ଦିନ ଯାଏଁ ପୁଞ୍ଜିବାଦ ରହିଛି—ଏ ସଂଘରୁ ମୁକ୍ତି ମିଳିବ ନାହିଁ । ଫଳରେ କେବଳ ଅର୍ଥନୈତିକ ଦାବୀକୁ ଭିତ୍ତିକରି ଲଢ଼େଇ କଲେ ମୁକ୍ତି ପାଇବା କେବେ ସମ୍ଭବ ନୁହେଁ ।

ଏହା ସହିତ ଆଉ ଏକ ପ୍ରଶ୍ନ ଜଡ଼ିତ ରହିଛି । ତାହା ହେଲା ଏହି ପୁଞ୍ଜିବାଦୀ ବ୍ୟବସ୍ଥା ଭିତରେ ଯଦି ଆପଣଙ୍କର ଆର୍ଥିକ ଅବସ୍ଥା ଆମେରିକାର ଶ୍ରମିକ ବା ବ୍ରିଟେନର ଶ୍ରମିକମାନଙ୍କ ଭଳି ଟିକିଏ ଭଲ ହୁଏ, ତଥାପି ମନେ ରଖିବେ ଆମେରିକାର ପୁଞ୍ଜିପତିମାନେ, ଏକଚାଟିଆ ପୁଞ୍ଜିପତିମାନେ ବା ବ୍ରିଟେନର ଏକଚାଟିଆ ପୁଞ୍ଜିପତିମାନେ ବିଭିନ୍ନ ଦେଶର ଶ୍ରମିକମାନଙ୍କୁ ଶୋଷଣ କରି ଏବଂ ସେ ସବୁ ଦେଶର କଞ୍ଚାମାଲ ଓ ଖଣିଜ ପଦାର୍ଥକୁ ଲୁଣ୍ଠନ କରି ଆଣିଥିବାରୁ ପୁଞ୍ଜିବାଦୀ ସଙ୍କଟର ରୂପ ଭାରତ ଭଳି ଅନୁନ୍ନତ ଦେଶ ଅପେକ୍ଷା ତୁଳନାମୂଳକ ଭାବେ ସେହିସବୁ ପାଶ୍ଚାତ୍ୟ ଦେଶରେ ବାହ୍ୟତଃ କମ୍ । ଏଠିକାର ଶ୍ରମିକ ତଥା ଶୋଷିତ ଜନଗଣ ଦାରିଦ୍ର୍ୟର ଯେଉଁ ଜ୍ୱାଳା ଅନୁଭବ କରନ୍ତି ସେହି ଜ୍ୱାଳା ଶିଳ୍ପୋନ୍ନତ ଦେଶମାନଙ୍କରେ ଶ୍ରମିକମାନେ ଅନୁଭବ କରିପାରନ୍ତି ନାହିଁ । ସେମାନଙ୍କ ଅବସ୍ଥା ତୁଳନାମୂଳକ ଭାବେ ଟିକେ ଭଲ । କିନ୍ତୁ ଭଲ ହେଲେ ବି ସେମାନେ ଗୋଲାମ । ଆପଣମାନେ ଯେମିତି ଗୋଲାମ ସେମାନେ ବି ସେମିତି ଗୋଲାମ । କନ୍‌ଷ୍ଟ୍ରକ୍‌ସନ କମ୍ପାନୀରେ ହେଉ ବା କଣ୍ଟ୍ରାକ୍ଟରମାନଙ୍କ ପାଖରେ ହେଉ ଅଥବା ଗ୍ରେଟ ଗ୍ରେଟ କାରଖାନାଗୁଡ଼ିକରେ ଯେଉଁମାନେ କାମ କରୁଛନ୍ତି ସେମାନେ ସେମିତି ଗୋଲାମ, ଆଉ ଏଚ୍. ଏମ୍. ଏଲ. କମ୍ପାନୀରେ ଯେଉଁମାନେ ଘୁର୍ଯମ୍ୟାନ୍ ବା ଫିଟର୍ ହୋଇ ବସିଛନ୍ତି, ଯେଉଁମାନେ ହଜାର ଟଙ୍କିଆ ବାବୁ ସେମାନେ ବି ସେମିତି ଗୋଲାମ । କିଏ ଛୋଟ ଗୋଲାମ, କିଏ ବଡ଼ ଗୋଲାମ । କିଏ ଶହେ ଟଙ୍କିଆ ଗୋଲାମ, କିଏ ହଜାର ଟଙ୍କିଆ ଗୋଲାମ । ଏତିକି ମାତ୍ର ପାର୍ଥକ୍ୟ । ଆପଣମାନେ ଟ୍ରେଡ୍ ୟୁନିୟନ ଆନ୍ଦୋଳନ କରି ଯେତେ ଦାବୀ ହାସଲ କରନ୍ତୁନା କାହିଁକି, ଗୋଲାମୀ ଅବସ୍ଥାରୁ ପରିବର୍ତ୍ତନ ହେବ ନାହିଁ । ତେଣୁ କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, ଯେତେଦିନ ଯାଏ ଏହି ଲଢ଼େଇକୁ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବରେ ରୂପାନ୍ତରିତ କରି ନପାରିଛନ୍ତି, ଯେତେଦିନଯାଏ ଏହି ପୁଞ୍ଜିବାଦୀ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଯେଉଁ ବିପ୍ଳବର ପ୍ରୟୋଜନ ସେହି ବିପ୍ଳବ ପାଇଁ ଏ ସମସ୍ତ ଲଢ଼େଇକୁ ପରିଚାଳନା କରି ନପାରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଆପଣମାନେ ଯେଉଁ ଗୋଲାମ ଥିଲେ ସେହି ଗୋଲାମ ହିଁ ରହିଥିବେ ।

ଆମର ଏଇଠି ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ଭାବୁଛନ୍ତି, ଏଠିକାର ଶ୍ରମିକମାନେ ଭାରି ସୁଖରେ ଅଛନ୍ତି । କ୍ୱାର୍ଟରରେ ପଙ୍ଖା ଚାଲୁଛି, ଗାଧୋଇବା ପାଇଁ ବାଥ୍‌ରୁମ୍ ହେଉଛି—ସାଧାରଣତଃ ଗାଁ ଗଣ୍ଡାରେ ଏସବୁ ସୁଯୋଗ ନଥାଏ । ସେମାନଙ୍କ ମଧ୍ୟରୁ କାହା ଘର ଯାଜପୁର, କାହା ଘର ସମ୍ବଲପୁର, କାହାର ବଲାଙ୍ଗିର ଓ କାହା ଘର ସମ୍ବଲପୁର । ପୁଣି କେହି ଆସିଛନ୍ତି ସୁଦୂର କେରଳର ପଲ୍ଲୀ ଅଞ୍ଚଳରୁ, କେହି ଆସିଛନ୍ତି ୟୁ. ପି, ବିହାରରୁ କେହି ଆସିଛନ୍ତି ଦେଶ ବିଭାଜନ ପରେ ବାସ୍ତୁହରା ହୋଇ, ଏଠାରେ କୌଣସି ଉପାୟରେ ଟଙ୍କା ଅର୍ଜନ କରିବା ପାଇଁ ।

ଗାଁ' ଗହଳରେ ଘର ଅବସ୍ଥା ଏତେ ଭଲ ନୁହେଁ । ହୁଏତ ଗାଡ଼ିଆ ପାଣି ପିଇବାକୁ ପଡ଼େ; ଫଳରେ ଏମାନଙ୍କ ମଧ୍ୟରୁ ଅନେକେ ଆଜି ଭାବୁଛନ୍ତି—ଆରେ, ଆମେ କେତେ ବଡ଼ ହୋଇ ଗଲୁଣି । ଆମକୁ ଇଟା ସିମେଣ୍ଟର କ୍ୱାର୍ଟର ମିଳିଯାଇଛି, ପଙ୍ଖା ଚାଲୁଛି, ଇସ୍ପାତ ଜେନେରାଲ ହସ୍ପିଟାଲକୁ ଗଲେ ଔଷଧ ମିଳିଯାଉଛି, ତା ମଣକୁ ପୁଣି ମଟର ସାଇକେଲ କିଣିବା ପାଇଁ ପାଞ୍ଚ ହଜାର ଟଙ୍କା ଲୋନ୍ ମିଳୁଛି, ଆଉ ଚାରି ହଜାର କୌଣସି ମତେ ମିଶେଇ ଦେଇ ପାରିଲେ ଗୋଟିଏ ମଟର ସାଇକେଲ ଅନାୟାସରେ କିଣି ବୁଲି ପାରିବି । ମୋର ସ୍ତ୍ରୀ ବି ସାଙ୍ଗରେ ବୁଲି ପାରିବ । ବାସ—ଆଉ ଦୁନିଆରେ ଦରକାର କ'ଣ ! ଏହାହିଁ ହେଉଛି ବର୍ତ୍ତମାନ ଲୋକଙ୍କର ଜୀବନ ଯାତ୍ରାର ଧାରା । ଏହା ପଛରେ ହେଉଛି ଗୋଟାଏ ଦର୍ଶନ—ଖାଅ, ପିଅ, ମଉଜ କର । ଏହି ଦର୍ଶନକୁ ପୁଞ୍ଜିପତି ଶ୍ରେଣୀ ଆମ ମସ୍ତିଷ୍କ ଭିତରେ ପୂରେଇ ଦେଉଛି । ପୁଞ୍ଜିପତି ଶ୍ରେଣୀ ନିକଟରେ ଜନ ଅସନ୍ତୋଷକୁ ପ୍ରତିହତ କରିବା ପାଇଁ ଦୁଇଟି ବାଟ ରହିଛି । ଗୋଟିଏ ହେଲା ଲାଠି ଗୁଳିଦ୍ୱାରା ଜନଗଣଙ୍କ ଆନ୍ଦୋଳନକୁ ଦମନ କରିବା ଏବଂ ଅନ୍ୟଟି ହେଲା ଲୋକଙ୍କର ପ୍ରତିବାଦର ଧାରକୁ ଭ୍ରମିତ କରିବା ପାଇଁ ମାରି ନୈତିକତାହୀନ କରାଇବା ।

ଆପଣ ଦେଖିଥିବେ, ଦେଶର ଜନସାଧାରଣ, ଶ୍ରମିକ ଛାତ୍ରଯୁବକ ଯେତେବେଳେ ସେମାନଙ୍କର ନ୍ୟାଯ୍ୟ ସଙ୍ଗତ ଦାବୀ ନେଇ ଆନ୍ଦୋଳନ କରନ୍ତି, ସେହି ଆନ୍ଦୋଳନକୁ ପୋଲିସଦ୍ୱାରା ଦମନ କରାହୁଏ । ଓଡ଼ିଶାରେ ଯେଉଁ ଚାଷୀ ଛାତ୍ର ଏବଂ ଗଣ ଆନ୍ଦୋଳନ ହେଲା, ସେ ସମୟରେ ଆପଣ କ'ଣ ଶୁଣିନାହାନ୍ତି—ଦେଖିନାହାଁନ୍ତି ଯେ, କିଭଳି ଭାବେ ପୋଲିସବାହିନୀ, ପାରା ମିଲିଟାରୀ ଫୋର୍ସ, ସି.ଆର୍.ପି, ଓ. ଏମ୍. ପି. ପାଗଳା କୁକୁର ଭଳି ଆନ୍ଦୋଳନକୁ ଦମନ କରିଛି ! ଲାଠି ଗୁଳି ଟିଅରଗ୍ୟାସଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଦମନମୂଳକ ପନ୍ଥା ସେମାନେ ଗ୍ରହଣ କରିଛନ୍ତି । ଏଥିପାଇଁ ନୂଆ ନୂଆ ଆଇନ୍ ତିଆରି ହେଉଛି । କଂଗ୍ରେସ ସରକାର ଆଇନ ତିଆରି କରୁଛି, କିଭଳି ଭାବେ ଆନ୍ଦୋଳନକୁ ଦମନ କରାଯାଇପାରେ ।

ସମସ୍ତ ପ୍ରକାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିସର୍ଜନ ଦେଇ ନୂଆ ନୂଆ ଆଇନ ତିଆରି ହେଉଛି, ଯେଉଁ ଆଇନଗୁଡ଼ିକର ଲକ୍ଷ୍ୟ ହେଉଛି ଯେ କୌଣସି ଉପାୟରେ ହେଉନା କାହିଁକି ଜନସାଧାରଣଙ୍କ ବିକ୍ଷୋଭକୁ ଦମନ କରିବା । ଫଳରେ ଆମେ ଦେଖୁଛେ ଦମନ ପାଇଁ ନୂଆ ନଆ କୌଶଳ ସେମାନେ ଗ୍ରହଣ କରୁଛନ୍ତି ।

ବିଗତ ଛାତ୍ର ଆନ୍ଦୋଳନର ଅଭିଜ୍ଞତା, ଗଣ ଆନ୍ଦୋଳନର ଅଭିଜ୍ଞତାକୁ ଆପଣମାନେ ଗ୍ରହଣ କରନ୍ତୁ, କିଭଳି ଭାବେ ଫାସିବାଦୀ ରାସ୍ତାରେ, ଫାସିଷ୍ଟ ସୁଲଭ ପଦ୍ଧତିରେ ଆନ୍ଦୋଳନକୁ ଦମନ କରାଯାଇଛି । ଆନ୍ଦୋଳନକାରୀମାନଙ୍କ ବିରୁଦ୍ଧରେ ନରହତ୍ୟା ମାମଲା ବି ରୁଜୁ କରାଯାଇଛି । ସେହି ମାମଲା ରୁଜୁ କରିବା ପାଇଁ କି ସୁନ୍ଦର ଚକ୍ରାନ୍ତ କରାଯାଇଛି ! ଆପଣମାନଙ୍କର ମନେଥିବ, ଫେବୃୟାରୀ ୧୮ ତାରିଖ ଦିନ ଓ. ଏମ୍. ପି ସାମ୍ନାରେ ଗୋଟିଏ ସରକାରୀ ବସ୍ ଓ ଜିପ୍‌କୁ ସମ୍ବଲପୁର ଜି. ଏମ୍. କଲେଜ ହତା ବାହାରେ ପୋଡ଼ି ଦିଆଗଲା । ସେତେବେଳେ ସେଠାରେ ଶତାଧିକ ପୋଲିସ ମୁତୟନ ଥିଲେ—ମାଜିଷ୍ଟ୍ରେଟ୍ ବି ଥିଲେ ।

ତାଙ୍କ ସାମ୍ନାରେ ଗୋଟିଏ ବସ୍ ଏବଂ ଜିପ୍‌କୁ ପୋଡ଼ିବା ସମୟରେ କାହାକୁ ଗିରଫ କରାଯାଇନାହିଁ । ନିଆଁ ଜଳି ସେଗୁଡ଼ିକ ଯେତେବେଳେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି ସେତେବେଳେ ପୋଲିସ ବାହିନୀ ପାଗଳା କୁକୁର ଭଳି ଛାତ୍ର ଓ ଜନସାଧାରଣଙ୍କ ଉପରେ ଆକ୍ରମଣ କରିଛି । ଯାହାକୁ ପାଇଛି ତାକୁ ରାସ୍ତା ଉପରେ ପିଟିଛି । ନିକଟସ୍ଥ ରେଲୱେ ଷ୍ଟେସନ୍‌ରେ ଟ୍ରେନ୍ ଭିତରେ ପଶି ନିରୀହ ଯାତ୍ରୀମାନଙ୍କୁ ବି ମାଡ଼ ଦେଇଛି । ତା ପରେ ରାତିର ଅନ୍ଧକାରରେ ଜି. ଏମ୍. କଲେଜର ହଷ୍ଟେଲ୍‌ରେ ପଶି ଛାତ୍ର ଛାତ୍ରୀମାନଙ୍କୁ ଆକ୍ରମଣ କରିଛି । ଛାତ୍ର ଛାତ୍ରୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଛି । ଲାଠି ବୁଟ୍ ମାଡ଼ ହୋଇଛି । ଛାତ୍ରମାନଙ୍କୁ ଏପରିକି ଛାତ୍ରୀମାନଙ୍କୁ ବାହାରକୁ ଆଣି ରାତିସାରା ପଡ଼ିଆରେ ପୋଲିସ ଠିଆ କରାଇ ଦେଇଛି । ଆହତ ଅବସ୍ଥାରେ ପିଲାମାନଙ୍କୁ ଦଉଡ଼ିବାକୁ କୁହାଯାଇଛି ଏବଂ ଯିଏ ଦଉଡ଼ି ନପାରିଛି ତାକୁ ବନ୍ଧୁକ ମୂନରେ ଆଘାତ କରିଛି । ଛାତ୍ରୀ ନିବାସରେ ପୋଲିସ ପଶି ସେମାନଙ୍କ ଉପରେ ଅତ୍ୟାଚାର କରିବା ପରେ କହିଛି—ଯଦି ଆମ କଥା ନ ଶୁଣିବ ତେବେ ତୁମମାନଙ୍କ ଅବସ୍ଥା 'ମାୟା ତ୍ୟାଗୀ' ଭଳି କରିଦିଆଯିବ । ଆପଣମାନେ ଜାଣନ୍ତି ମାୟା ତ୍ୟାଗୀ ଉପରେ ପୋଲିସର ପାଶବିକ ଅତ୍ୟାଚାର ହୋଇଥିଲା ।

ଯେଉଁମାନେ ଦାବୀ କରନ୍ତି ଯେ, ଭାରତ ବର୍ଷ ଏକ ସଭ୍ୟ ଦେଶ, ପ୍ରାଚୀନ ସଭ୍ୟତା ଏଠି ରହିଛି ଏବଂ ଭାରତର ଗଣତନ୍ତ୍ର ପୃଥିବୀର ସର୍ବ ବୃହତ୍ ଗଣତନ୍ତ୍ର,

ସେମାନେ ବିଚାର କରନ୍ତୁ ଏହି ବୃହତ୍ ଗଣତନ୍ତ୍ରର ଅସଲ ଚେହେରା କଣ ? ଏତିକିରେ ଶେଷ ହୋଇନାହିଁ, ତା ପରଦିନ କଲେଜରେ ପଶି ପୋଲିସ ପିଲା-ମାନଙ୍କ ଉପରେ ପୁନର୍ବାର ଆକ୍ରମଣ କରିଛି । ଏବଂ ସେହି ଆକ୍ରମଣରୁ ପ୍ରଫେସର, ପ୍ରିନ୍‌ସିପାଲ୍ କେହି ହେଲେ ବାଦ୍ ଯାଇନାହାଁନ୍ତି ।

ତାପରେ ଛାତ୍ର ନେତାମାନଙ୍କୁ ବମ୍ ଫୋଡ଼ କେସ୍‌ରେ ଗିରଫ କରାଗଲା । ଡ଼ି. ଏସ୍. ଓ. ରାଜ୍ୟ କମିଟି ସଭାପତି ଧୂର୍ଜଟୀ ଦାସ, ଛାତ୍ର ନେତ୍ରୀ ଛବିରାଣୀ ମହାନ୍ତି, ଦିଲ୍ଲୀପ ସେନାପତିଙ୍କ ସମେତ ବହୁ ଛାତ୍ର ନେତାଙ୍କୁ ଗିରଫ୍ କରାଗଲା । ପୋଡ଼ି ଯାଇଥିବା ବସ୍‌ରେ ଥିବା ଡ୍ରାଇଭର କିଛି ଦିନ ପରେ ଭିଉଟିରେ ଥିବା ଅବସ୍ଥାରେ ଦେହି ଖରାପ ହୋଇ କଲିକତା ହସ୍‌ପିଟାଲ୍‌ରେ ଯେତେବେଳେ ମୃତ୍ୟୁ ବରଣ କଲା ସରକାର ଓ ପୋଲିସ ମିଳି ଷଡ଼ଯନ୍ତ୍ର କରି ଏହି ଛାତ୍ର ନେତାମାନଙ୍କୁ ମିଥ୍ୟା ନରହତ୍ୟା ମୋକଦ୍ଦମାରେ ଜଡ଼ିତ କଲେ । ଏହା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର । ଏହା ସହିତ ଏକମାତ୍ର ହିଟଲରର ରାଇକ୍ ଷ୍ଟାଗ୍ ଘଟଣାର ତୁଳନା କରାଯାଇ-ପାରେ । ଜର୍ମାନର ପାର୍ଲାମେଣ୍ଟ ରାଇକ୍ ଷ୍ଟାଗରେ ହିଟ୍‌ଲର ଏହିଭଳି ଭାବରେ ନିଜ ଲୋକଙ୍କ ଦ୍ୱାରା ନିଆଁ ଲଗେଇ କମ୍ୟୁନିଷ୍ଟମାନଙ୍କ ଉପରେ ଦୋଷାରୋପ କରି ତାଙ୍କ ଉପରେ ଆକ୍ରମଣ କରିଥିଲା । ସେ କହିଥିଲା ଯେ କମ୍ୟୁନିଷ୍ଟମାନେ ହିଁ ନିଆଁ ଲଗାଇଛନ୍ତି ।

ହିଟ୍‌ଲରର ଗୁଣ୍ଡା ବାହିନୀ ଯାହାକୁ 'ଗେଷ୍ଟାପୋ' ବାହିନୀ କୁହାଯାଏ—ସେମାନେ ରାତସାରା କମ୍ୟୁନିଷ୍ଟମାନଙ୍କୁ ହତ୍ୟା କରିଥିଲେ । ସୁତରାଂ, ଆଜି ପୁଞ୍ଜିପତି ଶ୍ରେଣୀ ଏଠାରେ ମଧ୍ୟ ଅନୁରୂପ ଷଡ଼ଯନ୍ତ୍ର ଚଳାଇ ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଛି ।

ବନ୍ଧୁଗଣ,

ଆଜି ଏହି ପୁଞ୍ଜିପତି ଶ୍ରେଣୀ କେବଳ ଦମନମୂଳକ ପନ୍ଥାରେ ସମସ୍ତ ଆନ୍ଦୋଳନକୁ ଖତମ କରିଦେଇ ପାରିବ—ଏ ଆଶା ସେମାନଙ୍କର ନାହିଁ । ସେମାନେ ଦେଖିଛନ୍ତି ଫାସିଷ୍ଟ ଜର୍ମାନୀର ରୂପ କଣ ହୋଇଛି । ସେହି ଜର୍ମାନୀରେ ହିଁ ସମାଜବାଦୀ ରାଷ୍ଟ୍ର ପ୍ରତିଷ୍ଠିତ ହୋଇଛି । ହିଟ୍‌ଲରର କବର ଉପରେ, ପୁଞ୍ଜିବାଦ—ଫାସିବାଦର କବର ଉପରେ ସମାଜବାଦ ପ୍ରତିଷ୍ଠିତ ହୋଇଛି । ଶ୍ରମିକ ଶ୍ରେଣୀ ହାତକୁ କ୍ଷମତା ଆସିଛି । ଏକଥା ଭାରତବର୍ଷର ପୁଞ୍ଜିପତି ଶ୍ରେଣୀ ଦେଖିଛନ୍ତି । ସେମାନେ ଇତିହାସରୁ ଶିକ୍ଷା ନେଇଛନ୍ତି ଯେ, କେବଳମାତ୍ର ଲାଠି, ଗୁଳି ଦ୍ୱାରା ଆନ୍ଦୋଳନକୁ ଖତମ କରିବା ସମ୍ଭବ ନୁହେଁ । ଇତିହାସରେ ସେମାନେ ଦେଖିଛନ୍ତି

ଜର୍‌ର ପତନ । ମହାପରାକ୍ରମଶାଳୀ, ମହାଶକ୍ତିଶାଳୀ ଜର୍ ସାମ୍ରାଜ୍ୟର କବର ଉପରେ ପ୍ରତିଷ୍ଠିତ ହୋଇଛି ବିଶ୍ୱର ପ୍ରଥମ ସମାଜତାନ୍ତ୍ରିକ ରାଷ୍ଟ୍ର—କମ୍ରେଡ୍ ଲେନିନ୍‌ଙ୍କ ନେତୃତ୍ୱରେ ବଲ୍‌ସେଭିକ୍ ପାର୍ଟିର ନେତୃତ୍ୱରେ । ସେମାନେ ଦେଖିଛନ୍ତି ଚିଆଙ୍ଗକାଇସେକ୍‌ର ପତନ । ସେମାନେ ଦେଖିଛନ୍ତି, ଭିଏତ୍‌ନାମରେ ଆମେରିକା ଭଳି ବିଶ୍ୱର ପ୍ରବଳ କ୍ଷମତାଶାଳୀ-ସାମ୍ରାଜ୍ୟବାଦୀ ଶକ୍ତି କିପରି ପରାଜୟ ସ୍ୱୀକାର କରିଛି । ଇତିହାସରୁ ସେହିସବୁ ଶିକ୍ଷା ନେଇ ଭାରତବର୍ଷର ପୁଞ୍ଜିପତି ଶ୍ରେଣୀ ଦମନମୂଳକ ପନ୍ଥା ସାଙ୍ଗକୁ ଯେଉଁ କୌଶଳଟି ଅବଲମ୍ବନ କରୁଛନ୍ତି, ତାହା ଅତ୍ୟନ୍ତ ମାରାତ୍ମକ । ତାହା ହେଲା. ଜନସାଧାରଣଙ୍କ ରୁଚିଗୁଣମାନଙ୍କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା । ଦେଶର ସଂସ୍କୃତିକୁ ଖତମ କରିବା । ମନୁଷ୍ୟକୁ ମନୁଷ୍ୟତ୍ୱହୀନ କରିଦେବା, ନୀତିହୀନ କରିଦେବା । କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, ଏହା ଏକ ଷଡ଼ଯନ୍ତ୍ର—ଏକ ମାରାତ୍ମକ ଷଡ଼ଯନ୍ତ୍ର । ସେ କହିଥିଲେ, ଯଦି କୌଣସି ଦେଶର ନୈତିକତାର ଅଧଃପତନ ଘଟେ, ଯଦି କୌଣସି ଜାତିର ନୈତିକ ମେରୁଦଣ୍ଡ ଭାଙ୍ଗିଯାଏ—ସେ ଜାତିର ଭବିଷ୍ୟତ ବୋଲି କିଛି ରହେ ନାହିଁ । କିନ୍ତୁ ଯଦି ଜାତିର ନୈତିକ ମେରୁଦଣ୍ଡ ଟାଣଥାଏ. ତେବେ ସେ ଜାତି ନଖାଇ ବି ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଲଢ଼ିପାରେ, ସ୍ୱର ଉତ୍ତୋଳନ କରିପାରେ ।

ଆଜି ଏହି ଫାସିଷ୍ଟ ଶାସକମାନେ ଆମର ନୀତି—ନୈତିକତା, ରୁଚି—ସଂସ୍କୃତି—ସବୁ କିଛି ଧୂଳିସାତ୍ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଏହା ଏକ ବିରାଟ ଷଡ଼ଯନ୍ତ୍ର । ପୋଲିସ ଗୁଳିଦ୍ୱାରା ଯେଉଁ କାମ ସମ୍ଭବ ନୁହେଁ—ସେହି କାମ ଏହା ଦ୍ୱାରା ସମ୍ଭବ । ଆପଣ ଦେଖିଲେ ତ—ଇସ୍ପାତ୍ ନଗରୀର ସିଭିକ୍ ସେଣ୍ଟରରେ କିପରି ଚାଲିଲା 'ବ୍ୟଭିଚାର' । ନାଟକର ନାମ ବ୍ୟଭିଚାର । କେବଳ ନାଁ ବ୍ୟଭିଚାର ନୁହେଁ, ପୁରା ନାଟକଟି ହିଁ ବ୍ୟଭିଚାର । ନାରୀର ନଗ୍ନ ନୃତ୍ୟଠୁଁ ଆରମ୍ଭ କରି ମନୁଷ୍ୟତ୍ୱ ବିବର୍ଜିତ ସବୁ କିଛି ଏଥିରେ ପ୍ରଦର୍ଶନ କରିଛନ୍ତି । ଆମର ଛାତ୍ର ସଂଗଠନ ଡି. ଏସ୍. ଓ ଏହାର ପ୍ରତିବାଦ କରିଛି । ମହିଳାମାନେ ଶୋଭାଯାତ୍ରାରେ ଯାଇ ଟାଉନ୍ ଆଡ୍‌ମିନିଷ୍ଟ୍ରେଶନ ପାଖରେ ପ୍ରତିବାଦ କରିଛନ୍ତି । ଅନ୍ୟ କେହି ଏହାର ପ୍ରତିବାଦ କରିନାହାନ୍ତି । ଆପଣମାନେ ଜାଣନ୍ତି—ଏହି 'ବ୍ୟଭିଚାର' ଦେଖିବା ପାଇଁ ଭୁବନେଶ୍ୱରରୁ ମନ୍ତ୍ରୀମାନେ ଆସିଛନ୍ତି । ଜଣେ ନୁହଁନ୍ତି—ଚାରି ପାଞ୍ଚ ଜଣ ଏବଂ ସ୍ୱୟଂ ଗଭର୍ଣ୍ଣର । ଭୁବନେଶ୍ୱରରେ ସେମାନଙ୍କ ନିଦ ହୋଇନାହିଁ । ସୁତରାଂ ଭୁବନେଶ୍ୱରରୁ ଦୌଡ଼ିଛନ୍ତି ରାଉରକେଲାକୁ—କ'ଣ ହେଉଛି ଦେଖିବା । କାହିଁକି ? ଏଠିକାର ଏ. ଡି. ଏମ୍, ଏଠିକାର ଏସ୍. ପି, ଏଠିକାର ଆଡ୍‌ମିନିଷ୍ଟ୍ରେଶନ୍—ଏମାନେ ହେଉଛନ୍ତି 'ବ୍ୟଭିଚାର' ନାଟକର ଉଦ୍ୟୋକ୍ତା । ଉଦ୍ଦେଶ୍ୟ ମହାନ୍ ! କଣ ସେ ଉଦ୍ଦେଶ୍ୟ ? ଶ୍ରମିକବାସ ତିଆରି ହେବ, ଟଙ୍କା ସଂଗ୍ରହ ହେବ । ସେଥିପାଇଁ

‘କ୍ୟାଭେଷ୍ଟର’ ନାଟକ କରିବାକୁ ହେବ, ନାଗ୍ନର ନଗ୍ନ ନୃତ୍ୟ ପ୍ରଦର୍ଶନ କରିବାକୁ ହେବ । ଗ୍ରନ୍ଥାଗାରର ଦରକାର କ’ଣ, କଲେଜର ଦରକାର କଣ ? ଯେଉଁ କଲେଜ, ଯେଉଁ ହଷ୍ଟେଲ ନିର୍ମାଣ ପଛରେ ଟଙ୍କା ସଂଗ୍ରହ ହୋଇ ତିଆରି ହୁଏ, ସେହି ଅନୁଷ୍ଠାନରେ ମଣିଷ ତିଆରି ହେବେ କି ? ନା, ସେ ଅନୁଷ୍ଠାନରେ ତିଆରି ହେବେ ଜନ୍ତୁ ଜାନୁଆର । କେବଳ କ’ଣ ଆମ ରାଜ୍ୟରେ ଏସବୁ ହେଉଛି ? ପଶ୍ଚିମବଙ୍ଗକୁ ଟିକେ ଆଖି ପକାନ୍ତୁ ।

କଲିକତା'ରେ ପାର୍କ ହୋଟେଲରେ ‘କାବାରେ’ ନୃତ୍ୟ ଉଦ୍‌ଘାଟନ ପାଇଁ ମାର୍କସବାଦୀ(!) ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ ଦୌଡ଼ି ଯାଇଥିଲେ । ଆଉ ତାଙ୍କ ସାଙ୍ଗରେ ଥିଲେ ସେଠିକାର ରାଜ୍ୟପାଳ—ଗାନ୍ଧୀବାଦୀ ନେତା ଟି. ଏନ୍. ସିଂହ । ମାର୍କସବାଦୀ ଗାନ୍ଧିବାଦୀ ସବୁ ଏକାକାର ହୋଇଯାଇଛନ୍ତି । ସେମାନଙ୍କର ମଧ୍ୟ ମହାନ୍ ଉଦ୍ଦେଶ୍ୟ ଅଛି ! ରେଡ଼କ୍ରସ୍ ସାହାଯ୍ୟ ପାଇଁ ପାଣ୍ଠି ସଂଗ୍ରହ ।

ଆପଣମାନେ ଜାଣନ୍ତି, ଆମ ଦେଶର ପ୍ରାତଃ ସ୍ମରଣୀୟ ଶିକ୍ଷାବ୍ରତୀ ନେତା ଗୋପବନ୍ଧୁ ଦାସ ଗୋଟିଏ ସ୍କୁଲ ସ୍ଥାପନ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ଏକଥା ଆପଣମାନେ ଜାଣନ୍ତି । ସେହି ବନବିଦ୍ୟାଳୟ ଯେତେବେଳେ ଅର୍ଥାଭାବରେ ପଡ଼ିଛି, ସେତେବେଳେ ବ୍ରିଟିଶ ସରକାର କହୁଛି—ତୁମକୁ ସାହାଯ୍ୟ (Aid) ଦିଆଯିବ, ତୁମେ ଏଫିଲିଏଟେଡ୍ ହୁଅ । ଗୋପବନ୍ଧୁ ଦାସ ପ୍ରତ୍ୟାଖ୍ୟାନ କରିଛନ୍ତି । କହୁଛନ୍ତି—‘ଦାସ’ ତିଆରି କରିବା ପାଇଁ ଆମର ଏହି ବନ ବିଦ୍ୟାଳୟ ତିଆରି ହୋଇ ନାହିଁ । ଆମର ଏହି ବନବିଦ୍ୟାଳୟର ଉଦ୍ଦେଶ୍ୟ—ସ୍ୱାଧୀନତା ପ୍ରେମୀ ଉଚ୍ଚ ନୈତିକତା ସମ୍ପନ୍ନ ମଣିଷ ସୃଷ୍ଟି କରିବା । ସ୍ୱାଧୀନ ଚେତା ଯୁବକ ସୃଷ୍ଟି କରିବା । ଯେଉଁ ଯୁବକମାନେ ସ୍ୱାଧୀନତା ଆନ୍ଦୋଳନକୁ ନେତୃତ୍ୱ ଦେବେ । ସେହିଭଳି ଯୁବଶକ୍ତି ସୃଷ୍ଟି କରିବା ଆମର ଉଦ୍ଦେଶ୍ୟ । ଯେଉଁ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଆମର ସଂଗ୍ରାମ, ତା ପାଖରୁ ଟଙ୍କା ନେଇ ଏହି ଉଦ୍ଦେଶ୍ୟ କେବେହେଲେ ସଫଳ ହୋଇପାରେ ନା ।

ବେଙ୍ଗଲ ଟାଇଗର ସାର୍ ଆଶୁତୋଷ ମୁଖାର୍ଜୀ ମଧ୍ୟ ଅନୁରୂପ କଥା କହିଥିଲେ । ଆଶୁତୋଷ ମୁଖାର୍ଜୀ ଯେତେବେଳେ କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର—ବ୍ରିଟିଶ ସରକାର ସେତେବେଳେ ୟୁନିଭରସିଟିକୁ ୨ ଲକ୍ଷ ଟଙ୍କା ଦେବା ପାଇଁ ଚାହିଁଥିଲେ । ତା ପରିବର୍ତ୍ତେ ଚାହିଁଥିଲେ ୟୁନିଭରସିଟିର ସ୍ୱାଧୀନତାକୁ ହରଣ କରି ସରକାରୀ ନିୟନ୍ତ୍ରଣକୁ ଆଣିବା । ବେଙ୍ଗଲ ଟାଇଗର ଆଶୁତୋଷ ମୁଖାର୍ଜୀ କହିଥିଲେ—ନା’ ମାତ୍ର ୨ ଲକ୍ଷ ଟଙ୍କା ପାଇଁ ଆମେ ଆମର

ସ୍ୱାଧୀନତାକୁ ବିକ୍ରି କରିବା ପାଇଁ ରାଜି ନୋହୁଁ । "we can not barter our freedom" ଏହା ହେଉଛି ତାଙ୍କର ଲେଖା—ବାଙ୍କର ଉକ୍ତି । ଏବଂ ସେ କହିଛନ୍ତି :—

" Take it from me that as long as there is one drop of blood in me, I will not participate in the humiliation of the University. This University will not be manufactory of slaves. We want to think truly We want to teach freedom. We shall inspire the rising generation with thoughts and ideas that are high and ennobling. We shall not be a part of the Secretariate of the Government. What is the offer? Two and a half lacs ! And you solemnly propose that we should barter away our independence for it. What will India say ? What will the post-graduate teachers say ? They will resign tomorrow. They will go into banishment rather than take money under those humiliating conditions. What will posterity say ? Will not future generations cry in shame that the senate of the calcutta University bartered away their Freedom for two and a half lacs of rupees. We will not take the money. We shall go from door to door althrough Bengal............... Freedom first, freedom second, freedom always, nothing else will satisfy me.

ସୁତରାଂ କୌଣସି ମହାନ୍ ଉଦ୍ଦେଶ୍ୟ ସଫଳ ହୋଇପାରେ ନା, ଯଦି ତାକୁ ସଫଳ କରିବା ପାଇଁ ଅର୍ଥ ସଂଗ୍ରହ କରିବା ପାଇଁ ସମାଜର ନୀତି ନୈତିକତା ରୁଚି, ସଂସ୍କୃତି ଉପରେ ଆଘାତ କରାଯାଏ । ବିଭିନ୍ନ ଧର୍ମର ଧର୍ମ ଶାସ୍ତ୍ରରେ ମଧ୍ୟ ଉଦ୍ଦେଶ୍ୟ ସାଧନ ପାଇଁ ଏ ଧରଣର ଉପାୟ ଅବଲମ୍ବନ କରିବାକୁ ନିଷେଧ କରାଯାଇଛି । ଇସଲାମ୍ ଧର୍ମରେ କୁହାଯାଇଛି—ମଦ ବିକ୍ରି କରି ହେଉଥିବା ଆୟ ବା ସୁଧଖୋରି ଦ୍ୱାରା ଅର୍ଜିତ ଅର୍ଥରୁ ଯଦି ମସଜିଦ ତିଆରି କରାଯାଏ, ତେବେ ସେ ମସ୍‌ଜିଦ୍ ନାପାକ ବା ଅପବିତ୍ର ହୋଇଯାଏ—ଅର୍ଥାତ ସେଥିରେ ଆଲ୍ଲାଙ୍କ ସ୍ଥାନ ନାହିଁ ।

ଆଜି ଯେଉଁମାନେ ଶିକ୍ଷା ଶିକ୍ଷା ବୋଲି ଚିତ୍କାର କରୁଛନ୍ତି, ଏମାନେ ହେଲେ ସମାଜର କୁଲାଙ୍ଗାର । ସମାଜର ଶତ୍ରୁ । ଏମାନେ ନିଜକୁ ଶିକ୍ଷାବ୍ରତୀ ବୋଲାଉଛନ୍ତି—ଛାତ୍ର, ଯୁବକମାନଙ୍କର ଶିକ୍ଷା ପାଇଁ ଏମାନେ ନଗ୍ନ ନୃତ୍ୟ ଦେଖାଇ ଟଙ୍କା ସଂଗ୍ରହ କରୁଛନ୍ତି ।

ଆପଣ ବୁଝନ୍ତୁ—ଷ୍ଟିଲ ଟାଉନସିପ୍‌ର ଶ୍ରମିକ ଭାଇମାନେ, ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, ନଳଗାଙ୍ଗପୁର ଆଉ ଯେଉଁ ଶ୍ରମିକ ଭାଇମାନେ ଅଛନ୍ତି—ସେମାନେ ଗୋଟାଏ କଥା ବୁଝନ୍ତୁ, ଏଇଟା ସୁକୌଶଳରେ ଆପଣଙ୍କ ଉପରେ ଗୋଟାଏ ଆକ୍ରମଣ ।—କେତେକ ଭାଇମାନଙ୍କଠାରୁ ଶୁଣିବାକୁ ମିଳୁଛି ଯେ କଣ ହେଲା—ସିନେମାରେ ତ ଏଭଳି ହେଉଛି । ଆଜି ସିନେମାରେ ଯାହା ହେଉଥାଏ, ସେଇଟା କଣ ଭଲ ହେଉଛି ? କୁହନ୍ତୁ ସେଇଟା ଖୁବ୍ ଭଲ କି ? ଆଜି ସିନେମାର ପର୍ଦ୍ଦାରେ ଯେଉଁଟା ଥିଲା, ସେଇଟା ପ୍ରତ୍ୟକ୍ଷ ରକ୍ତ ମାଂସରେ ଦେଖା ହେଉଛି । କଣ ଉଦ୍ଦେଶ୍ୟ ? ଉଦ୍ଦେଶ୍ୟ ହେଉଛି ଛାତ୍ର, ଯୁବକ, ଶ୍ରମିକ ଜନସାଧାରଣଙ୍କର ନୈତିକ ମେରୁଦଣ୍ଡକୁ ଭାଙ୍ଗି ଦେବା । ଶ୍ରମିକମାନେ ଯୌନତା ଆଉ ନିଶାରେ ଉନ୍ମତ୍ତ ହୋଇ ଅନ୍ୟାୟର ପ୍ରତିବାଦ ନ କରନ୍ତୁ । ଯେଉଁ ଶ୍ରମିକ ମଦୋନ୍ମତ୍ତ, ଯେଉଁ ଶ୍ରମିକର ନୈତିକ ମେରୁଦଣ୍ଡ ଭାଙ୍ଗି ଯାଇଛି, ଯେଉଁ ଶ୍ରମିକ ଜୀବନର ସାର୍ ମର୍ମ ହେଉଛି—'ଖାଅ, ପିଅ, ମୌଜ କର', ସେ ଶ୍ରମିକ ଇଲେକ୍ଟ୍ରିସିଟି ୯ ପଇସାରୁ ୩୯ ପଇସା ହେଲେ ବା ଘରଭଡ଼ା ବଢ଼ିଲେ ତାର ନିଦ୍ରା ଭଙ୍ଗ ହେବ ନାହିଁ । କେବଳ ସେତିକି ନୁହେଁ; ସେହି ଶ୍ରମିକ ଦୁଇପଇସା ଓଭରଟାଇମ୍ ପାଇବା ପାଇଁ କିମ୍ବା ପ୍ରମୋଶନ ପାଇବା ପାଇଁ ନିଜର ଇଜ୍ଜତକୁ ବିସର୍ଜନ ଦେଇ ଅଫିସରମାନଙ୍କୁ ଖୋସାମଦ କରିପାରେ, ସେମାନଙ୍କ ମଦ ମାଂସ ମଧ୍ୟ ଯୋଗାଇ ଦେଇପାରେ । ସେହି ଶ୍ରମିକ ନିଜର ମନୁଷ୍ୟତ୍ୱକୁ ବଳି ଦେଇପାରେ । ଭାରତବର୍ଷର ଶାସକ ଗୋଷ୍ଠୀ, ଶୋଷକଗୋଷ୍ଠୀ ଏବଂ ତାଙ୍କର ସଚ୍ଚା ସେବକମାନଙ୍କର ଷଡ଼ଯନ୍ତ୍ର ହେଉଛି, ଶ୍ରମିକମାନଙ୍କର ନୈତିକ ମେରୁଦଣ୍ଡକୁ ଭାଙ୍ଗି ଦେବା । ସେମାନେ ଖାଇବେ, ପିଇବେ, ମୌଜ କରିବେ—ଗୋଟିଏ ଦିଗରେ ଯୌନତା, ଅପର ଦିଗରେ ମଦ୍ୟାସକ୍ତି । ବାସ୍ ଛାତ୍ର ଯୁବକମାନଙ୍କର ଚରିତ୍ର ମଧ୍ୟ ଭାଙ୍ଗିଦିଅ । ଯଦି ଏମାନଙ୍କର ଚରିତ୍ର ରହେ ତେବେ ଏମାନେ (demonstration) ବିକ୍ଷୋଭ କରିବେ । ଉଚ୍ଚ ଶିକ୍ଷା ପାଇଁ ଆନ୍ଦୋଳନ କରିବେ । ଯୁବକମାନେ ବେକାରୀତ୍ୱ ଦୂରାଇବା ପାଇଁ ଆନ୍ଦୋଳନ କରିବେ । ବେକାରଙ୍କୁ କାମ ଦିଅ ଦାବୀ କରିବେ । ଛାତ୍ର ଯୁବକମାନଙ୍କର ନୈତିକ ମେରୁଦଣ୍ଡ ଯଦି ଭାଙ୍ଗିଯାଏ, ସେମାନେ ଯଦି ନିଶାରେ ମତ୍ତ ହୁଅନ୍ତି, ଯୌନତାର ଦାସ ହୁଅନ୍ତି—ସେ ଛାତ୍ର ଯୁବକମାନଙ୍କ ଅନ୍ୟାୟର ପ୍ରତିବାଦ କରିବା, ଆନ୍ଦୋଳନ କରିବା, ବିପ୍ଳବୀ ଆନ୍ଦୋଳନ ଗଢ଼ି ତୋଳିବାର ଶକ୍ତି ରହିବ ନାହିଁ ।

ବନ୍ଧୁଗଣ,

ଟିକିଏ ଭାବନ୍ତୁ, ଟିକିଏ ଚିନ୍ତା କରନ୍ତୁ । ଆମ ଦଳର ପ୍ରିୟ ନେତା, ଶିକ୍ଷକ ପଥ ପ୍ରଦର୍ଶକ କମ୍ରେଡ୍ ଶିବଦାସ ଘୋଷ ବାରମ୍ବାର ଆମକୁ ଏକଥା କହୁଛନ୍ତି ଯେ ନୈତିକ ମେରୁଦଣ୍ଡ ଭାଙ୍ଗିଗଲେ ଆଉ କିଛି ରହିବ ନା । ଯେଉଁ ଏ. ଡ଼ି. ଏମ୍

ଏମ୍. ପି. ଛାତ୍ରମାନଙ୍କୁ କହନ୍ତି ଯେ ଛାତ୍ରମାନେ ଉଚ୍ଛୃଙ୍ଖଳ, ଆପଣମାନଙ୍କ ଭିତରେ ବି କେତେକ ଲୋକ କୁହନ୍ତି ଯେ, ଛାତ୍ରମାନେ ଉଚ୍ଛୃଙ୍ଖଳ ହୋଇଯାଇଛନ୍ତି, ଝିଅମାନଙ୍କୁ ପଛରୁ ଟିଜ୍ (tease) କରୁଛନ୍ତି, ସେମାନେ କ'ଣ ଥରେ ହେଲେ ବିଚାରକରି ଦେଖିଛନ୍ତି, କାହିଁକି ଏଭଳି ଘଟୁଛି । ଛାତ୍ରମାନଙ୍କ ଭିତରେ ଏ ବୃତ୍ତି କିଏ ଦେଉଛି ? କିଏ ଏହା ପାଇଁ ଦାୟୀ ? ଏହି ଉତ୍ତରକେଲ ଭଳି ଇସ୍ପାତ ନଗରୀରେ ଯଦି ବ୍ୟଭିଚାରର ଭଳି ଗୋଟାଏ ନାଟକ ହୁଏ, ବିଭିନ୍ନ ରକମର କଦର୍ଯ୍ୟ ସିନେମା ସବୁ ଦେଖାଯାଏ, ତାହା ଦ୍ୱାରା ଛାତ୍ରମାନଙ୍କର ଚରିତ୍ର ଯଦି ନଷ୍ଟ ହୁଏ, ଯୁବକମାନଙ୍କର ଚରିତ୍ର ଯଦି ନଷ୍ଟ ହୁଏ, ତେବେ ଏଥିପାଇଁ କ'ଣ ଛାତ୍ର ଯୁବକମାନେ ଦାୟୀ ? ନା' ଆମେ ଦାୟୀ ?

ଶ୍ରମିକ ଭାଇମାନେ ଚିନ୍ତା କରନ୍ତୁ, ଯେଉଁ ଏଡ୍‌ମିନିଷ୍ଟ୍ରେସନ, ଯେଉଁ ପୋଲିସ, ଯେଉଁ ସରକାର ଛାତ୍ରମାନଙ୍କୁ ଉଚ୍ଛୃଙ୍ଖଳ ହେବା ପାଇଁ ମନା କରୁଛନ୍ତି, ଲୋକଙ୍କୁ ଆଇନ୍ ମାନି ଚଳିବା ପାଇଁ କହୁଛନ୍ତି, ଯେଉଁ କଂଗ୍ରେସୀ ନେତାମାନେ ଗାନ୍ଧିଜୀଙ୍କର ଶାନ୍ତି ଅହିଂସାର ବାଣୀ ପ୍ରତିଦିନ ଶୁଣାଉଛନ୍ତି—ସେମାନେ ଏସବୁ କରିବାର ଉଦ୍ଦେଶ୍ୟ କଣ ? ଯଦି ଆମେ ସେମାନଙ୍କର ଏହି ଉଦ୍ଦେଶ୍ୟକୁ ବୁଝି ଏହା ବିରୁଦ୍ଧରେ ପ୍ରବଳ ପ୍ରତିବାଦ, ପ୍ରବଳ ପ୍ରତିରୋଧ ଆନ୍ଦୋଳନ ଗଢ଼ି ନ ତୋଳିବା, ତେବେ କଣ ଆମେ ଦାୟୀ ହେବୁ ନାହିଁ କି ? ଆମର ପୁଅ ଝିଅମାନେ ଯଦି ନଷ୍ଟ ଚରିତ୍ର ହୋଇଯାଆନ୍ତି ଉଚ୍ଛୃଙ୍ଖଳ ହୋଇଯାଆନ୍ତି, ସେଥିପାଇଁ କ'ଣ ଆମେ ଦାୟୀ ହେବୁ ନାହିଁ ? ଯଦି ଆମେ ଏହି ଅନ୍ୟାୟ ବିରୁଦ୍ଧରେ ମୁକାବିଲା କରିବା ପାଇଁ ପ୍ରସ୍ତୁତ ନହେବା, ଆମେ ଯଦି ଆଖି ବୁଜି ବସି ରହିବା—ତେବେ ଆମର ବଞ୍ଚିବାର ରାସ୍ତା ନାହିଁ । ଆମର ଏ ସଙ୍କଟରୁ ବଞ୍ଚିବାର ରାସ୍ତା ନାହିଁ ।

ଯଦିଓ ଏହି ଯୁଗଟି ହେଉଛି ସର୍ବହରା ବିପ୍ଳବର ଯୁଗ, ଏବଂ ଯେହି ବିପ୍ଳବ ପାଇଁ ଯେଉଁ ପ୍ରସ୍ତୁତି ଦରକାର ତାହା ଆଜି ମଧ୍ୟ ହୋଇପାରି ନାହିଁ, ଫଳରେ ବିପ୍ଳବ ବହୁତ ଦୂରରେ । ବିପ୍ଳବ କରିବା ପାଇଁ ତ ଅନେକ ଶକ୍ତି ଦରକାର । ଅଥଚ ଆପଣମାନେ ଏସମ୍ପର୍କରେ ସମ୍ପୂର୍ଣ୍ଣ ଉଦାସୀନ ହୋଇ ରହିଛନ୍ତି—ପ୍ରକୃତ ସମସ୍ୟା ସମ୍ପର୍କରେ ଆଖିବୁଜି ରହିଛନ୍ତି । ଭାବୁଛନ୍ତି, ଆପଣମାନେ ଯଦି ଆଖିବୁଜି ରହନ୍ତି, ତେବେ ଦୁନିଆରେ ଅମଙ୍ଗଳ କିଛି ରହିବ ନାହିଁ, କୌଣସି ସମସ୍ୟା ରହିବ ନାହିଁ । ଏହି ଦୁନିଆରେ ଯେଉଁ ସବୁ ସମସ୍ୟାଗୁଡ଼ିକ ଦେଖାଯାଉଛି ଆପଣ କଣ ଆଖିବୁଜି ରହିଲେ ସେଗୁଡ଼ିକର ମୁକାବିଲା କରିପାରିବେ ?

ଏଇଠି ପାର୍ଟିର କମ୍ରେଡ୍‌ମାନେ ଅଛନ୍ତି, ପାର୍ଟିର ସମର୍ଥକମାନେ ଅଛନ୍ତି, ଶ୍ରମିକ ଭାଇମାନେ ବି ଅଛନ୍ତି, ମୁଁ ଆପଣମାନଙ୍କୁ ଗୋଟିଏ କଥା ପଚାରିବାକୁ ଚାହେଁ, ଯଦି ଆପଣମାନେ ଏ ସମସ୍ତ ବିରୁଦ୍ଧରେ ଆନ୍ଦୋଳନ ନ କରିବେ, ଏ ସମସ୍ତକୁ

ରୋକିବା ପାଇଁ ଯଦି ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢ଼ି ତୋଳି ନ ପାରିବେ, ଏ ସମସ୍ତ ବିରୁଦ୍ଧରେ ପାର୍ଟିର ଯେଉଁ ସବୁ ପରିକଳ୍ପନା ତାକୁ ସଫଳ କରିବା ପାଇଁ, ଆପଣମାନେ ଯଦି ଆଗେଇ ନ ଆସିବେ, ତେବେ ଭବିଷ୍ୟତ କ'ଣ ? ଆପଣଙ୍କ ଭବିଷ୍ୟତ ବଂଶଧରମାନେ କ'ଣ କହିବେ ? ଯଦି ଛାତ୍ର ଯୁବକମାନେ ଦୁର୍ନୀତି-ପରିପୂର୍ଣ୍ଣ ହୁଅନ୍ତି, ତେବେ ସେଥିପାଇଁ ସେମାନେ ଆମକୁ ଦାୟୀ କରିବେ । କାରଣ ଆମେ ଜାଣିଶୁଣି ଆଖି ବନ୍ଦ କରି ବସିଥିଲୁ । ଆମେ ଏହା ବିରୁଦ୍ଧରେ ପ୍ରତିବାଦ କରିନାହୁଁ । ଆମେ ଏହା ବିରୁଦ୍ଧରେ ପ୍ରତିରୋଧ ଆନ୍ଦୋଳନ ଗଢ଼ି ତୋଳି ନାହୁଁ । ଆମେ ଆମର କର୍ତ୍ତବ୍ୟ ପାଳନ କରିନାହୁଁ । ପୁଞ୍ଜିପତି ଶ୍ରେଣୀ ସେମାନଙ୍କ ନିଜର ସ୍ୱାର୍ଥ ପାଇଁ ଏସବୁ କରିବେ, ସେମାନଙ୍କର ତ ଏସବୁ କରିବା କଥା । ଐତିହାସିକ କାରଣରୁହିଁ କରିବା କଥା । କିନ୍ତୁ ଆମେ ଜଣେ ଶ୍ରମିକ ଭାବରେ, ଜଣେ କର୍ମଚାରୀ ହିସାବରେ, ଜଣେ ଛାତ୍ର ହିସାବରେ, ଜଣେ ଯୁବକ ହିସାବରେ ଜଣେ ନାରୀ ହିସାବରେ ଆମର ଦାୟିତ୍ୱ କଣ ? ଆମେ କଣ ଆଖିବୁଜି ରହିଲେ, ସମସ୍ୟା ଗୁଡ଼ିକ ଆପେ ଆପେ ଦୂର ହୋଇଯିବ । ନା—ଏ ସମସ୍ୟାଗୁଡ଼ିକ ତୀବ୍ର ରୂପ ଧାରଣ କରିବ ।

ଆଜି ଭାରତବର୍ଷର ବିଭିନ୍ନ ଜାଗାରେ ସେମାନେ ଏହି ଷଡ଼ଯନ୍ତ୍ରକୁ ସଫଳ କରିବା ପାଇଁ ଯାଉଛନ୍ତି; ଉଦ୍ଦେଶ୍ୟ—ଗଣଆନ୍ଦୋଳନକୁ ଗୋଟିଏ ଦିଗରେ ପୋଲିସ ଦେଇ ଦମନ କରିବେ, ଅନ୍ୟ ଦିଗରେ ଜନଗଣଙ୍କ ନୈତିକ ମେରୁଦଣ୍ଡକୁ ଭାଙ୍ଗିବେ । କି ମାରାତ୍ମକ ଷଡ଼ଯନ୍ତ୍ର ! ଏହି ଉଦ୍ଦେଶ୍ୟକୁ ସଫଳ କରିବାରେ ଯଦି ସେମାନେ ସକ୍ଷମ ହୁଅନ୍ତି, ତେବେ ଅଚିରେ ଦେଶରେ ସର୍ବାତ୍ମକ ଫାସିବାଦର କ୍ଷେତ୍ର ପ୍ରସ୍ତୁତ ହୋଇଯିବ ।

କମ୍ରେଡ୍ ଶିବଦାସ ଘୋଷ ଦର୍ଶାଇଛନ୍ତି, ଫାସିବାଦ ହେଉଛି ମାନବତାର ନିକୃଷ୍ଟତମ ଶତ୍ରୁ । ବିଶ୍ୱ ଇତିହାସରେ ଏଭଳି ଏକ ଘୃଣ୍ୟ ଶତ୍ରୁ, ଘୃଣ୍ୟ ଆଦର୍ଶ ଇତିପୂର୍ବରୁ କେବେହେଲେ ସୃଷ୍ଟି ହୋଇନାହିଁ । ଫାସିବାଦ ଯେତେବେଳେ ଆସେ, ମଣିଷ ହୋଇ ଆଉ କେହି ରହନ୍ତି ନାହିଁ । ଅବକ୍ଷୟୀ ପୁଞ୍ଜିବାଦ ଯୁଗରେ, ଯେତେବେଳେ ପୁଞ୍ଜିବାଦ ସମାଜକୁ ଆଉ କିଛି ଦେଇପାରେ ନାହିଁ, ସମାଜ ବିପ୍ଳବର ବିରୋଧିତା କରେ, ଶିଳ୍ପ ବିପ୍ଳବର ଦ୍ୱାର ରୁଦ୍ଧ କରେ, ସେତେବେଳେ ପୁଞ୍ଜିବାଦର ଶେଷ ରକ୍ଷା କବଚ ଭାବେ ଫାସିବାଦ ଗଢ଼ି ଉଠେ । ପୁଞ୍ଜିବାଦକୁ ମୃତ୍ୟୁ ମୁଖରୁ ରକ୍ଷା କରିବା ସକାଶେ ଶେଷ ସମ୍ବଳ ହେଉଛି ଫାସିବାଦ । ଫାସିବାଦର ଦୁଇଟି ଦିଗ ରହିଛି । ଗୋଟିଏ ହେଲା, ଦମନ, ଅତ୍ୟାଚାର ଅର୍ଥାତ୍ ହିଂସାମୂଳକ ପଦକ୍ଷେପ. ଅନ୍ୟଟି ହେଲା ଚିନ୍ତା ସଂସ୍କୃତି କ୍ଷେତ୍ରରେ ଯାନ୍ତ୍ରିକରଣ ଘଟାଇ ପ୍ରତିବାଦର ସ୍ୱରକୁ

ପ୍ରତିରୋଧ କରିଦେବ । ଆମ ସମାଜପ୍ରତି ଆପଣମାନେ ଟିକିଏ ଆଖି ପକେଇଲେ ଦେଖି ପାରିବେ, ସବୁ ଦିଗରୁ ଫାସିବାଦୀ ଲକ୍ଷଣଗୁଡ଼ିକ ପରିସ୍ଫୁଟ ହେଉଛି । ବନ୍ଧୁଗଣ, ଆମେ ଇତିହାସରେ ବହୁ ଅତ୍ୟାଚାରର କାହାଣୀ ଶୁଣିଛେ । ନାଦେରର ଅତ୍ୟାଚାର, ଜାରର ଅତ୍ୟାଚାର, ତୈମୁରଲଙ୍ଗର ଅତ୍ୟାଚାର, ଚେଙ୍ଗିସ୍ ଖାଁର ଅତ୍ୟାଚାର— ଏହିଭଳି ବହୁ ଅତ୍ୟାଚାରର କାହାଣୀ ଆମେ ଜାଣୁ । କିନ୍ତୁ ଫାସିବାଦ ଏହି ସମସ୍ତ ଅତ୍ୟାଚାର ଅପେକ୍ଷା ଅନେକ ଅନେକ ପରିମାଣରେ ମାରାତ୍ମକ । ଯେତେବେଳେ ଫାସିବାଦ ଆସେ, ସେତେବେଳେ ସମାଜରେ ନୀତିନୈତିକତା, ଚିନ୍ତା—ଭାବନା, ଶିଳ୍ପ—ସଂସ୍କୃତି, ମନୁଷ୍ୟତ୍ୱର ସମାଧି ରଚନା ହୁଏ ।

ବନ୍ଧୁଗଣ,

ଆମେ ଫାସିବାଦର ପଦଧ୍ୱନି ଶୁଣୁଛୁ । ଆଜି ଭାରତବର୍ଷର କୌଣସି ସମସ୍ୟାର ସମାଧାନ ପୁଞ୍ଜିବାଦ କରିପାରେ ନା । ୩୩ ବର୍ଷ ପାର ହୋଇଯାଇଛି । କୌଣସି ସମସ୍ୟାର ସମାଧାନ ହୋଇଛି କି ? ହୋଇ ନାହିଁ । ବେକାର ସମସ୍ୟାର ସମାଧାନ ହୋଇପାରି ନାହିଁ, ଦେଶରେ ଶିଳ୍ପ ବିପ୍ଳବ ହୋଇନାହିଁ, କୃଷିର ଆଧୁନିକୀକରଣ ହୋଇପାରି ନାହିଁ, ଶିକ୍ଷା କ୍ଷେତ୍ରରେ ଅରାଜକତା ବନ୍ଦ ହୋଇନାହିଁ—ବରଂ ଦିନକୁ ଦିନ ବଢ଼ିବାରେ ଲାଗିଛି । କାହିଁକି ଏସବୁ ହେଉଛି ? ଏହାର ଏକମାତ୍ର କାରଣ—ଅବକ୍ଷୟୀ ପୁଞ୍ଜିବାଦ । ଆଜି ପୁଞ୍ଜିବାଦ ବୃଦ୍ଧ—ଜରାଜୀର୍ଣ୍ଣ । ପୁଞ୍ଜିବାଦ ଦେଶର ସମସ୍ତ ଜନସାଧାରଣଙ୍କୁ ଶୋଷଣ କରି, ଲାଭ ପାଇଁ ଅତିରିକ୍ତ ଶୋଷଣ କରିବା ଫଳରେ ଜନସାଧାରଣଙ୍କ କ୍ରୟ କ୍ଷମତା ଦିନକୁ ଦିନ କମିବାରେ ଲାଗିଛି । ଫଳତଃ, ଦେଶରେ ଯେଉଁ ସମ୍ପଦ ସୃଷ୍ଟି ହେଉଛି, ଯେଉଁ ଦ୍ରବ୍ୟ ଉତ୍ପାଦିତ ହେଉଛି, ସେଗୁଡ଼ିକୁ କିଣିବାର କ୍ଷମତା ଜନସାଧାରଣଙ୍କର ନାହିଁ । ମନ୍ତ୍ରୀମାନେ କହୁଛନ୍ତି, ଖାଦ୍ୟ ଉତ୍ପାଦନରେ ଭାରତବର୍ଷ ଆଜି ଅନେକ ଦୂର ଆଗେଇଛି । ଭାରତରୁ ଖାଦ୍ୟ ଆମେ ବିଭିନ୍ନ ଦେଶକୁ ରପ୍ତାନି କରୁଛୁ । ସେମାନଙ୍କୁ ଖାଇବାକୁ ଦେଉଛୁ । ଠିକ୍ କଥା—ଭାରତବର୍ଷର ବାସୁମତୀ ଚାଉଳ, ଡେରାଡୁନ ଚାଉଳ ମଧ୍ୟପ୍ରାଚ୍ୟର ତୈଳ ବ୍ୟବସାୟୀଙ୍କ ପାଇଁ ଯାଏ । ଭାରତର ଗହମ ରୁଷିଆରେ ବିକ୍ରି ହୁଏ । ଆମ୍ବ, ଆଳୁ, ପିଆଜ ବିଦେଶରେ ବିକ୍ରି ହୁଏ । କାରଣ ପୁଞ୍ଜିପତି ଶ୍ରେଣୀର ଲାଭ ପାଇଁ କୃଷିଜାତ ଦ୍ରବ୍ୟ ଛଡ଼ା ବିଦେଶରେ ବିକ୍ରି କରିବାକୁ ଅଛି ବା କଣ ? ବିଦେଶ ବଜାରରେ ଶିଳ୍ପଜାତ ଦ୍ରବ୍ୟ ନେଇ ବଡ଼ ବଡ଼ ପୁଞ୍ଜିବାଦୀ—ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ଭାରତଭଳି ପଛୁଆ ପୁଞ୍ଜିବାଦ ପକ୍ଷରେ ଅସମ୍ଭବ । ଫଳରେ ବୈଦେଶିକ ମୁଦ୍ରା ଅର୍ଜନ ପାଇଁ ପନିପରିବା, ଖାଦ୍ୟଶସ୍ୟ ବିକିବାକୁ ବାଧ୍ୟ । ଏପଟେ କୁହାଯାଉଛି, ଦେଶରେ ପୁଞ୍ଜିର ଅଭାବ—ସୁତରାଂ କଳକାରଖାନା କରିବା

ସମ୍ଭବ ନୁହେଁ । ଏସବୁ ମିଥ୍ୟା କଥା । ଲୋକଙ୍କ କ୍ରୟ କ୍ଷମତା ନାହିଁ—ଜାତୀୟ ବଜାର ତେଣୁ ସଙ୍କୁଚିତ । ତେଣେ ବିଦେଶ ବଜାରରେ ତୁମୁଳ ପ୍ରତିଦ୍ୱନ୍ଦ୍ୱିତା । କଳକାରଖାନା ପୁଞ୍ଜିବାଦୀ ବ୍ୟବସ୍ଥାରେ ଗଢ଼ି ଉଠେ ଲାଭ ପାଇଁ । ଯେତେବେଳେ ଜାତୀୟ ଅନ୍ତର୍ଜାତୀୟ ବଜାର ସଙ୍କୁଚିତ—କଳକାରଖାନା ହେବ କେମିତି ?

କମ୍ରେଡ୍ ଶିବଦାସ ଘୋଷ ଏଠାକାର ଏକ ଜନସଭାରେ ଥରେ କହିଥିଲେ, ଯଦି ପୁଞ୍ଜି ନାହିଁ—ତେବେ ପ୍ରତିଷ୍ଠିତ କଳକାରଖାନାଗୁଡ଼ିକ ବନ୍ଦ ହେଉଛି କାହିଁକି ? ଆପଣମାନେ ଜାଣନ୍ତି, ଏହି ରାଜଗାଙ୍ଗପୁର ସ୍ପିନିଂ ମିଲରେ ପ୍ରତିନିୟତ ଲେ—ଅଫ୍ ଚାଲିଛି । ଆପଣମାନେ ଦେଖିଥିବେ, କାଲି ବା ପରଦିନ ଖବର କାଗଜରେ ବାହାରିଛି ଯେ ଚୌଦ୍ୱାର ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ବନ୍ଦ ହୋଇ ଯାଇଛି । ସେଠିକାର ପ୍ରାୟ ୮୦୦୦ ଶ୍ରମିକ ବର୍ତ୍ତମାନ ବେକାର ।

ଏଚ୍. ଏସ୍. ଏଲ୍‌ର ଶ୍ରମିକ ଭାଇମାନେ ଟିକିଏ ଭଲଭାବେ ଶୁଣନ୍ତୁ । ଓ.ଟି.ଏମ୍. ଯଦି ବନ୍ଦ ହୋଇପାରେ ଏଚ୍. ଏସ୍. ଏଲ୍.ର ଶ୍ରମିକମାନେ ଏଭଳି କୌଣସି ସୌଭାଗ୍ୟ ନେଇ ଜନ୍ମ ହୋଇ ନାହାନ୍ତି, ଈଶ୍ୱରଙ୍କ ବରପୁତ୍ର ହୋଇ ଜନ୍ମ ହୋଇ ନାହାନ୍ତି ଯେ ସେମାନେ ରକ୍ଷା ପାଇଯିବେ । ପୁଞ୍ଜିବାଦର ସଙ୍କଟର ପ୍ରଭାବ ଷ୍ଟିଲ୍ ଶ୍ରମିକମାନଙ୍କ ଉପରେ ଯେ ପଡ଼ିବ ନାହିଁ—ଏଭଳି ଗ୍ୟାରେଣ୍ଟି କିଏ ଦେବ ? ପୁଞ୍ଜିବାଦର ଏହି ଚୂଡ଼ାନ୍ତ ସଙ୍କଟ ଯୁଗରେ କେହି କାହାକୁ ରକ୍ଷା କରିପାରିବେ ନାହିଁ, ଏକମାତ୍ର ବିପ୍ଳବ ଛଡ଼ା ।

ଏ ଯୁଗରେ ବିପ୍ଳବ ଛଡ଼ା ବଞ୍ଚିବାର ରାସ୍ତା ନାହିଁ । ଆପଣମାନେ ଯଦି ବଞ୍ଚିବାକୁ ଚାହାନ୍ତି ତେବେ ବିପ୍ଳବ ପଥରେ ଆସନ୍ତୁ । ବିପ୍ଳବ ଅବଶ୍ୟମ୍ଭାବୀ । ଏହି ଯୁଗଟି ହେଉଛି ପୁଞ୍ଜିବାଦର ସଙ୍କଟର ଯୁଗ । ମହାନ୍ ବିପ୍ଳବୀ କମ୍ରେଡ୍ ଲେନିନ କହିଛନ୍ତି ଏହି ଯୁଗଟି ହେଉଛି ସାମ୍ରାଜ୍ୟବାଦ, ଯୁଦ୍ଧ ଏବଂ ସର୍ବହରା ବିପ୍ଳବର ଯୁଗ । ସାମ୍ରାଜ୍ୟବାଦ ମାନେ ପୁଞ୍ଜିବାଦର ଅବକ୍ଷୟର ଯୁଗ । ପୁଞ୍ଜିପତି ଶ୍ରେଣୀ ଯେତେବେଳେ ନିଜ ଦେଶର ଶ୍ରମିକ ଶ୍ରେଣୀକୁ ଶୋଷଣ କରି ଦେବାଳିଆ କରିଦିଏ, ଶ୍ରମିକ ଶ୍ରେଣୀକୁ ସର୍ବହରାରେ ରୂପାନ୍ତରିତ କରେ, ଯେତେବେଳେ ପୁଞ୍ଜିପତି ଶ୍ରେଣୀ ନିଜ ଦେଶରେ ବଜାର ସଙ୍କଟ ଯୋଗୁଁ ବିଦେଶକୁ ପୁଞ୍ଜି ରପ୍ତାନି କରି ବିଦେଶର ଶ୍ରମ ଶକ୍ତିକୁ ଲୁଣ୍ଠନ କରେ, ବିଦେଶର କଞ୍ଚାମାଲକୁ ଲୁଣ୍ଠନ କରେ, ସେହି ଅବସ୍ଥାକୁ କୁହାଯାଏ ସାମ୍ରାଜ୍ୟବାଦ । ଏହି ଯୁଗରେ ପୁଞ୍ଜିପତି ଶ୍ରେଣୀର ନିଜ ଭିତରେ ଦ୍ୱନ୍ଦ୍ୱ ଏଭଳି ସ୍ତରକୁ ଯାଏ ଯେ, ଯୁଦ୍ଧ ବିନା ସେମାନଙ୍କର ଅନ୍ୟ ଗତି ନାହିଁ । ଆଉ ଏହି ସମୟଟି ହେଉଛି ସର୍ବହରା ଶ୍ରେଣୀ ପାଇଁ ଉପଯୁକ୍ତ ସମୟ, ଯେତିକିବେଳେ ବିପ୍ଳବକୁ ସଫଳ କରାଯାଇପାରେ ।

ବନ୍ଧୁଗଣ,

ଆଜି ଏହି ସମସ୍ୟା ଜର୍ଜରିତ ସମାଜରେ ଜୀବନ ଅତିଷ୍ଠ ହୋଇଯାଇଛି । ଯଦି କେହି ତୁଳନାମୂଳକ ଭାବେ ଟିକିଏ ସୁବିଧାରେ ରହିଛନ୍ତି, ମନେ ରଖିବେ ସବୁ ଦିନେ ଏଭଳି ରହିବ ନାହିଁ । କାରଣ ଏଇଟା ହେଉଛି ପୁଞ୍ଜିବାଦର ଅବକ୍ଷୟୀ ଯୁଗ । ପୁଞ୍ଜିବାଦ ନିଜେ ବଞ୍ଚିଲେ ତ ଅନ୍ୟମାନଙ୍କୁ ରକ୍ଷା କରିବ । ନିଜର ବଞ୍ଚିବାର ସୁଯୋଗ ନାହିଁ । କମ୍ରେଡ୍ ଶିବଦାସ ଘୋଷ କହୁଛନ୍ତି, ପୁଞ୍ଜିବାଦର ସଙ୍କଟ ବର୍ତ୍ତମାନ ସମୟରେ ହେଉଛି ଏ ଔଳ-ଯେ ଔଳିର ସଙ୍କଟ । ଅର୍ଥାତ ରୋଗୀକୁ ମର୍ଫିଆ ଦେଇ କୌଣସି ପ୍ରକାରେ ରକ୍ଷା କରାଯାଉଛି । ଆଜି ପୁଞ୍ଜିବାଦ—ବିପ୍ଳବର ଆତଙ୍କରେ ଆତଙ୍କିତ । ଜନଗଣଙ୍କର ଗଣତାନ୍ତ୍ରିକ ଆନ୍ଦୋଳନ, ନ୍ୟାୟସଙ୍ଗତ କୌଣସି ଆନ୍ଦୋଳନ ସେମାନେ ଆଜି ଆଉ ସହ୍ୟ କରିପାରୁ ନାହାନ୍ତି, ତାକୁ ଯେ କୌଣସି ଉପାୟରେ ଦମନ କରିବା ପାଇଁ ଚେଷ୍ଟା କରୁଛନ୍ତି । ଆଉ ଅପରଦିଗରେ ମୁଁ ଯେଉଁଟା କହିଲି, ପୁଞ୍ଜିବାଦର ଚୂଡ଼ାନ୍ତ ଅବକ୍ଷୟ ଯୁଗରେ ଆଜି ଦ୍ୱିତୀୟ ପନ୍ଥା ଗ୍ରହଣ କରିଛନ୍ତି । ସେମାନଙ୍କର ଚକ୍ରାନ୍ତ ହେଉଛି ସମସ୍ତ ପ୍ରକାର ସଂସ୍କୃତିକୁ ଧ୍ୱଂସ କରିବା । ମନୁଷ୍ୟର ମନୁଷ୍ୟତ୍ୱକୁ ଧ୍ୱଂସ କରିବା । ମନୁଷ୍ୟର ରୁଚି, ନୀତିକୁ ନଷ୍ଟ କରିବା । ସମାଜକୁ ଚୂଡ଼ାନ୍ତ ନୀତିହୀନ ପଥରେ ନେଇଯାଇ, ମନୁଷ୍ୟର ନୈତିକ ମେରୁଦଣ୍ଡକୁ ଭାଙ୍ଗି ଦେବା । ଭଲମନ୍ଦ ବିଚାର କରିବାର ଶକ୍ତିକୁ ଧ୍ୱଂସ କରିବା ଫଳରେ—ସେ ମନୁଷ୍ୟ ସଂଗ୍ରାମ କରିପାରିବ ନାହିଁ । ବିକଳାଙ୍ଗ ମନୁଷ୍ୟ ସଲମ (କ୍ଲୁଣ୍ଡିସ) କରିବ ।

ମୁକ୍ତିର ପଥକୁ ଆଜି ମେ' ଦିବସରେ ବୁଝିବାକୁ ହେବ । ମୁକ୍ତିର ରାସ୍ତା ହେଉଛି, ପୁଞ୍ଜିବାଦକୁ ଧ୍ୱଂସ କରି ସମାଜତାନ୍ତ୍ରିକ ବିପ୍ଳବକୁ ସଫଳ କରିବା । ଭାରତବର୍ଷର ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ରକୁ ଧ୍ୱଂସ କରି, ସେହି ଧ୍ୱଂସ ସ୍ତୁପ ଉପରେ ଶ୍ରମିକ ଶ୍ରେଣୀର ରାଷ୍ଟ୍ର ପ୍ରତିଷ୍ଠିତ କରିବା, ଶ୍ରମିକଶ୍ରେଣୀର ଏକନାୟକତ୍ୱ ପ୍ରତିଷ୍ଠା କରିବା ଏବଂ ଭାରତବର୍ଷରେ ଏକ ସମାଜତାନ୍ତ୍ରିକ ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠିତ କରିବା । ଏଇଟାହିଁ ହେଉଛି ଏକମାତ୍ର ମୁକ୍ତିର ରାସ୍ତା । ଏହି ବିପ୍ଳବକୁ ସଫଳ କରିବା ପାଇଁ କମ୍ରେଡ୍ ଶିବଦାସ ଘୋଷ କହୁଛନ୍ତି ଦୁଇଟି ସର୍ତ୍ତ ପୂରଣ ହେବା ଦରକାର । ପ୍ରଥମ ହେଉଛି, ସଠିକ୍ ବିପ୍ଳବୀ ଆଦର୍ଶ, ଦ୍ୱିତୀୟ ହେଉଛି ଏହି ସଠିକ୍ ଆଦର୍ଶକୁ ଭିତ୍ତି କରି

ଉପଯୁକ୍ତ ଶକ୍ତିସହ ଗୋଟିଏ ସଠିକ୍ ବିପ୍ଳବୀ ଦଳ, ଆଉ ମୁଖ୍ୟ ସର୍ତ୍ତ ହେଉଛି ଜନଗଣଙ୍କର ସଚେତନ ସଙ୍ଗଠିତ ଶକ୍ତିର ଅଭ୍ୟୁତ୍‌ଥାନ । ତାହାହେଲେ ଯାଇ ବିପ୍ଳବ ସଫଳ ହୋଇପାରେ, ନ ହେଲେ ସଫଳ ହୋଇପାରିବ ନାହିଁ । ଏଥିମଧ୍ୟ ସଠିକ୍ ବିପ୍ଳବୀ ଆଦର୍ଶ, ସେ ଆଦର୍ଶର ସୃଷ୍ଟି ହୋଇଛି । ଏଯୁଗର ମହାନ୍ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷଙ୍କର ଚିନ୍ତାକୁ ଭିତ୍ତି କରି ଏହି ମହାନ ଆଦର୍ଶର ସୃଷ୍ଟି ହୋଇଛି ଏବଂ ସେହି ଆଦର୍ଶକୁ ଭିତ୍ତି କରି ଗୋଟିଏ ସଠିକ୍ ବିପ୍ଳବୀ ଦଳ, ଶ୍ରମିକ ଶ୍ରେଣୀର ଦଳ ସୃଷ୍ଟି ହୋଇଛି । ସେଇଟି ହେଉଛି ଏସ୍. ୟୁ. ସି. ଆଇ. କିନ୍ତୁ ଯେତିକି ଶକ୍ତି ହେଲେ ଏସ. ୟୁ. ସି. ଆଇ. ନେତୃତ୍ୱରେ ବିପ୍ଳବ ସଫଳ ହୋଇ-ପାରେ, ସେହି ଶକ୍ତିର ଅଭାବ । ଫଳରେ ଶ୍ରମିକଶ୍ରେଣୀର କର୍ତ୍ତବ୍ୟ ହେଉଛି, ଯେଉଁ ପାର୍ଟିଟି ସଠିକ୍ ଭିତ୍ତି ଉପରେ ଠିଆ ହୋଇଛି, ଯେଉଁ ପାର୍ଟିଟି ସଠିକ୍ ବିପ୍ଳବୀ ଦଳ ତାକୁ ମଜବୁତ୍ କରିବା ଏବଂ ଉପଯୁକ୍ତ ଶକ୍ତି ସୃଷ୍ଟି କରିବା । ଆଉ ତୃତୀୟଟା ହେଉଛି ଜନଗଣଙ୍କର ସଚେତନ ସଙ୍ଗଠିତ ଶକ୍ତିର ଅଭ୍ୟୁତ୍‌ଥାନ । ଜନଗଣଙ୍କର ସଚେତନ ସଙ୍ଗଠିତ ଶକ୍ତିର ଅଭ୍ୟୁତ୍‌ଥାନର ଅର୍ଥ କ'ଣ ? ଶୋଷିତ ଶ୍ରେଣୀ, ମୂଲିଆ, ଚାଷୀ ଅର୍ଥାତ୍ ସମସ୍ତ ଖଟିଖିଆ ମଣିଷ ସଙ୍ଗଠିତ ହେବେ । ସେମାନଙ୍କର ନିଜସ୍ୱ କମିଟି ଗଢ଼ି ଉଠିବ ସଚେତନତା, ଉଚ୍ଚ ସଂସ୍କୃତି ଓ ନୀତି ନୈତିକତାର ଭିତ୍ତିରେ । ବିପ୍ଳବୀ ଦଳ ଏସ୍. ୟୁ. ସି. ଆଇ.ର ନେତୃତ୍ୱରେ ସଚେତନତାର ଭିତ୍ତିରେ ଜନଗଣଙ୍କର ସଙ୍ଗଠିତ ଶକ୍ତି ଯେଉଁ ଦିନ ସୃଷ୍ଟି ହେବ, ସେଦିନ ଆସିବ ବିପ୍ଳବର ମାହେନ୍ଦ୍ର ବେଳା । ଭାରତବର୍ଷ ସମାଜ ବିପ୍ଳବ ପାଇଁ କମ୍ପୁଛି । ସମାଜ ଅଭ୍ୟନ୍ତରରେ ଆମେ ଗୋଟିଏ କମ୍ପନ ଅନୁଭବ କରୁଛୁ । ସେ କମ୍ପନ ହେଉଛି ଶୋଷିତ ଜନଗଣ ଆମ ପାଖରେ ନିବେଦନ କରୁଛନ୍ତି, ବିପ୍ଳବକୁ ସଙ୍ଗଠିତ କର, ଆମକୁ ମୁକ୍ତ କର । ଫଳରେ ଆପଣମାନଙ୍କୁ ଆଜିକାର ଏହି ମେ' ଦିବସରେ ଏହି ଶପଥ ନେଇସିବାକୁ ହେବ ଯେ ଆମେ ଶ୍ରମିକ, ଆମେ ଗର୍ବିତ ଯେ ଆମେ ଶ୍ରମିକ, ବିଶ୍ୱର ଶ୍ରମିକ ଶ୍ରେଣୀର ଅଂଶ । ଆମେ ଇସ୍ପାତ କାରଖାନାରେ କାମ କରୁ, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟର ବିଭିନ୍ନ ଛୋଟ ଛୋଟ କାରଖାନାରେ କାମ କରୁ ବା ଆମେ ରାଜଗାଙ୍ଗପୁରର ବିଭିନ୍ନ କାରଖାନାରେ କାମକରୁ, ଆମେ ନିଜର ଶ୍ରମକୁ ବିକ୍ରି କରି ଯଦି ତାହା କରୁ, ଆମେ ହେଉଛୁ ବିଶ୍ୱର ମହାନ୍ ଶ୍ରମିକ ଶ୍ରେଣୀର ଅଂଶ । ଏହି ଶ୍ରମିକ ଶ୍ରେଣୀ ଏହି ଯୁଗରେ ଏକ ମହାନ୍ ଆଦର୍ଶକୁ ନେଇ, ଏକ ମହାନ୍ ଐତିହାସିକ ଦାୟିତ୍ୱକୁ ନେଇ ଆସିଛି । ସେଇଟା ହେଉଛି ପୃଥିବୀକୁ ଶୋଷଣମୁକ୍ତ କରିବା । ମନୁଷ୍ୟକୁ ସମସ୍ତ ପ୍ରକାର ଅନ୍ୟାୟ ଅତ୍ୟାଚାରରୁ ମୁକ୍ତ କରିବା ଏବଂ ଏକ ସୁଖୀ, ସୁନ୍ଦର ଏବଂ ସମୃଦ୍ଧଶାଳୀ ସମାଜ ଗଢ଼ି ତୋଳିବା । ଏହି କାର୍ଯ୍ୟକୁ ରୂପାୟିତ କରିବାର ସଂକଳ୍ପ, ଯଦି ଆମେ ନେଇପାରୁ, ଏବଂ ଏହାକୁ

"

କାର୍ଯ୍ୟକାରୀ କରିପାରୁ ନାହାନ୍ତେଲେ ହିଁ ଏହି ଐତିହାସିକ ମେ' ଦିବସର ତାତ୍ପର୍ଯ୍ୟ ଆମେ ବୁଝିନୁ ବୋଲି ଜଣାପଡ଼ିବ । ଏତିକି କହି ମୁଁ ମୋର ବକ୍ତବ୍ୟ ଶେଷ କରୁଛି ।

ଇନ୍‌କିଲାବ ଜିନ୍ଦାବାଦ

ମେ ଦିବସ ଜିନ୍ଦାବାଦ

କମ୍ରେଡ଼ ଶିବଦାସ ଘୋଷ ଲାଲସଲାମ ।

Published by Dwarikanath Rath on behalf of S. U C. I. Orissa State Committee, Murad Khan Patna. Zobra Road, Cuttack : 753003 and printed at Shree Krishna Press, Sheikh Bazar Cuttack.

First Publication : May 1982 Price : Re.0·75